# ପିଲା ଚୋର ସନ୍ଦେହରେ ଯୁବକଙ୍କୁ ମାଡ଼

**ଖଲ୍ଲିକୋଟ, ୨୪ ।୩(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ କେଶପୁରସ୍ଥିତ ଅଗ୍ନିଶମ ସେବା କେନ୍ଦ୍ର ନିକଟରେ ରବିବାର ପିଲା ଚୋର ସନ୍ଦେହରେ ଜଣେ ଯୁବକକୁ ସ୍ଥାନୀୟ ଲୋକେ ନିସ୍ଥୁକ ମାଡ଼ ମାରିଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଥାନାକୁ ନେଇ ପଚରାଉଚରା କରୁଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ରବିବାର ସକାଳେ କେଶପୁର ସ୍ଥିତ ଓଡିଆରପି କଲୋନୀରେ ରହୁଥିବା ଟୁନା ବେହେରାଙ୍କ ଘର ଭିତରେ ଜଣେ ଅଜଣା ଯୁବକ ପଶି ଯାଇଥିଲେ । ଏହାଦେଖି ଟୁନା ଉକ୍ତ ଯୁବକଙ୍କୁ କାବୁ କରି ନେଇଥିଲେ । ପରେ ପିଲା ଚୋରି କରୁଥିବା ସନ୍ଦେହ କରି ସ୍ଥାନୀୟ ବାସିନ୍ଦା ଉକ୍ତ ଯୁବକଙ୍କ ଗୋଡ଼ ବାନ୍ଧି ନିସ୍ଥୁକ ମାଡ଼ ମାରିଥିଲେ । ତେବେ ଖବର ପାଇ ଖଲ୍ଲିକୋଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଥାନାକୁ ନେଇଯାଇଥିଲେ । ପୁଲିସ ଉକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି । ତେବେ ଯୁବକ ଜଣଙ୍କ ବାହାର ରାଜ୍ୟର ହୋଇଥିବା ଏବଂ ସେ ହିନ୍ଦୀରେ କଥା ହେଉଥିବା ଜଣାପଡ଼ିଛି ।



ପାର୍ଟ ଟାଇମ ଚାକିରି ଲୋଭ

# ୧୭ ଲକ୍ଷ ଠକେଇର ଶିକାର ହେଲେ ଯୁବକ

**ବ୍ରହ୍ମପୁର, ୨୪ ।୩(ସମିସ)**

ପାର୍ଟ ଟାଇମ ଚାକିରି ଲୋଭରେ ପଡ଼ି ବ୍ରହ୍ମପୁରର ଜଣେ ଯୁବକ ୧୭ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି । ଏନେଇ ବ୍ରହ୍ମପୁର ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ବଡବଜାର ଥାନା ଅଞ୍ଚଳର ରୋହିତ କୁମାର ଅଗ୍ରୱାଲ ନାମକ ଯୁବକଙ୍କ ମୋବାଇଲକୁ କିଛିଦିନ ପୂର୍ବେ ଏକ ମେସେଜ ଆସିଥିଲା । ଆନାଇସା ନାମକ ଜଣେ ଯୁବତୀ ଏହି ମେସେଜ ପଠାଇଥିବା ବେଳେ ଅନଲାଇନରେ ପାର୍ଟଟାଇମ ଚାକିରିର ଅଫର ଦେଇଥିଲେ । ଗୁଗଲ ଏବଂ ପ୍ଲେଷ୍ଟୋରରେ ୨ଟି ଗେମ୍ ଖୋଜି ବାହାର କରିଦେଲେ ତାଙ୍କୁ ୧୬୦ଟଙ୍କା କମିଶନ ମିଳିବ ବୋଲି ଯୁବତୀ ଜଣଙ୍କ କହିଥିଲେ । ଏହି ଅଫର ଦେଖି ରୋହିତ ଘରେ ବସି ଟଙ୍କା ରୋଜଗାର କରିବାକୁ ଲୋଭ ବଳାଇଥିଲେ। ଏହାପରେ ରୋହିତ ଅନଲାଇନରେ ଗେମ୍ ଖୋଜି ନିଜ କାମ ଶେଷ କରିଥିଲେ । ସେହିପରି ଯୁବତୀ ଜଣକ ରୋହିତଙ୍କ ଠାରୁ ତାଙ୍କ ବୟସ ଓ ଅନ୍ୟାନ୍ୟ ତଥ୍ୟ ମାଗି ନେଇଥିଲେ । ଏକ ଟେଲିଗ୍ରାମ ଆଇଡି ଦେଇ ସେହି ଚ୍ୟାନେଲରେ ଯୋଡିହେବାକୁ କହିଥିଲେ । ସେହି ଚ୍ୟାନେଲ ଜରିଆରେ ଫାହି ନାମକ ଅନ୍ୟଜଣେ ଯୁବତୀ ଅଭିଯୋଗକାରୀଙ୍କ ସହ ଯୋଗାଯୋଗରେ ରହିବା ସହ ତାଙ୍କୁ ଏକ କୋଡ ନମ୍ବର ଦେଇଥିଲେ । ଏହାପରେ ଯୁବକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୬୦ଟଙ୍କା କମିଶନ ଆସିଥିଲା । ପରେ ତାଙ୍କୁ ଟେଲିଗ୍ରାମରେ ଥିବା ୱାର୍କିଂ ଗ୍ରୁପ-ଏମ୦୯୮ ନାମକ ଏକ ଚ୍ୟାନେଲରେ ଯୋଡି ହୋଇ ଆଉ କିଛି କାମ ଶେଷ କରିବାକୁ କୁହାଯାଇଥିଲା । ସେହିକ୍ରମରେ ରୋହିତ ୨ଟି କାମ ଶେଷକରିବା ପରେ ତାଙ୍କ ଆକାଉଣ୍ଟକୁ ପୁଣି ୧୦୦ଟଙ୍କା କମିଶନ ଆସିଥିଲା । ଏହାପରେ ରୋହିତଙ୍କୁ ପ୍ରିପେଡ କମିଶନ ଯୋଜନାରେ ଯୋଡିହେବାକୁ ପରାମର୍ଶ ଦିଆଯାଇଥିଲା । ଏହି ଯୋଜନାରେ ୧୦୦୦ଜମା ବା ଇନଭେଷ୍ଟ କଲେ ୧୩୦୦ଟଙ୍କା ମିଳିବ ବୋଲି କୁହାଯାଇଥିଲା । ସେହିକ୍ରମରେ ରୋହିତ ୧୦୦୦ଟଙ୍କା ଜମା କରିଥିଲେ । କିଛି ସମୟ ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୩୦୦ଟଙ୍କା ଆସିଥିଲା । ମୋଟା ଅଙ୍କର କମିଶନ ମିଳୁଥିବା ଦେଖି ରୋହିତଙ୍କ ଲୋଭ ବଢ଼ିଥିଲା । ପରବର୍ତ୍ତୀ ସମୟରେ ସେ ୬୦୦୦ଟଙ୍କା ଇନଭେଷ୍ଟ କରିଥିଲେ । ଏହାପରେ ୧୫୦୦୦ ଏବଂ ତା'ପରେ ୪୯୮୦୦ ଟଙ୍କା ଜମା କରିଥିଲେ । ହେଲେ ରୋହିତଙ୍କୁ ପୂର୍ବ ଭଳି କମିଶନ ମିଳିନଥିଲା । ଏପରିକି ମୂଳ ଟଙ୍କା ମଧ୍ୟ ସେ ଉଠାଇ ପାରିନଥିଲେ । ସେହି ଟେଲିଗ୍ରାମ ଚ୍ୟାନେଲରେ ଥିବା ଠକମାନେ ରୋହିତଙ୍କୁ ଅଧିକାରୁ ଅଧିକ ଟଙ୍କା ଜମା କରିବାକୁ ପରାମର୍ଶ ଦେଇଥିଲେ । ସେହିକ୍ରମରେ ରୋହିତ ପ୍ରାୟ ୧୭ଟି ଦେଣନେଣ ଜରିଆରେ ମୋଟ ୧୬ଲକ୍ଷ ୯୭ ହଜାର ୧୬୨ଟଙ୍କା ଇନଭେଷ୍ଟ କରିଥିଲେ । ତେବେ ତାଙ୍କୁ କୌଣସି ଟଙ୍କା ଫେରସ୍ତ ମିଳିନଥିଲା । ଓଲଟି ତାଙ୍କୁ ଆଉ ଅଧିକ ଟଙ୍କା ଇନଭେଷ୍ଟ କରିବାକୁ କୁହାଯାଇଥିଲା । ଯାହାକୁ ନେଇ ରୋହିତଙ୍କ ସନ୍ଦେହ ବଢ଼ିବା ସହ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ ।

# ୩ ୱାରେଣ୍ଟି ଗିରଫ

**ବ୍ରହ୍ମପୁର, ୨୪ ।୩(ସମିସ):** ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୱାରେଣ୍ଟ ଧରପଗଡ଼କୁ ଜୋରଦାର କରାଯାଇଛି । ଚେକ ବାଉନ୍ସ, ଅସଦାଚରଣ ଓ ଆକ୍ରମଣ ମାମଲାରେ ଜଡ଼ିତ ରହି ବିଚାରଣା ବେଳେ କୋର୍ଟରେ ହଜାର ନହେବା ଯୋଗୁଁ ଅନେକଙ୍କୁ ୱାରେଣ୍ଟ ଜାରି କରାଯାଇଥିଲା । ବୈଦ୍ୟନାଥପୁର ଥାନାରେ ଜଣେ ଓ ଟାଉନ ଥାନାରେ ଦୁଇଜଣଙ୍କୁ ୱରେଣ୍ଟ ବଳରେ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ସେମାନେ ହେଲେ ଲାଞ୍ଜିପଲ୍ଲୀ ରାମନଗର ଚତୁର୍ଥ ଲାଇନର ଶରତ କୁମାର ଆଚାର୍ଯ୍ୟ(୪୪), ବ୍ୟାଙ୍କ କଲୋନୀ ୫ମ ଲାଇନର ରବି ସ୍ୱାଇଁ (୩୭) ଓ ବ୍ୟାଙ୍କ କଲୋନୀ ଷଷ୍ଠ ଲାଇନର ରମେନ୍ଦ୍ରନାଥ ପାଢ଼ୀ(୬୨) । ଶରତକୁ ବୈଦ୍ୟନାଥପୁର ଥାନା ପୁଲିସ ଚେକ ବାଉନ୍ସ ମାମଲାରେ ଗିରଫ କରିଥିବା ବେଳେ ଟାଉନ ଥାନା ପୁଲିସ ରବିକୁ ଅସଦାଚରଣ ଓ ରମେନ୍ଦ୍ରଙ୍କୁ ଚେକ ବାଉନ୍ସ ମାମଲାରେ ଗିରଫ କରିଛି ।

# କଂଗ୍ରେସର ସାଙ୍ଗଠନିକ ସଭା



**ରମ୍ଭା, ୨୪ ।୩(ସମିସ):** ସାବୁଳିଆ ଦକ୍ଷିଣେଶ୍ୱର କଲ୍ୟାଣ ମଣ୍ଡପରେ ଖଲ୍ଲିକୋଟ କଂଗ୍ରେସର ସାଙ୍ଗଠନିକ ସଭା ମେଘନାଦ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୨୯ଟି ପଞ୍ଚାୟତର କୋଣ ଅନୁକୋଣରୁ କର୍ମୀ ଠାରୁ ନେତା ପର୍ଯ୍ୟନ୍ତ ସାମିଲ ହୋଇ ମେଘନାଦଙ୍କୁ ପୁନର୍ବାର ସଭାପତି ରୂପେ ଚୟନ ସହ କାର୍ଯ୍ୟ ଭାର ସମ୍ଭାଳିବା ପାଇଁ ମନୋନୀତ କରାଯାଇଥିଲା । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା (ପଶ୍ଚିମ) କଂଗ୍ରେସ ସଭାପତି ରବୀନ୍ଦ୍ର ନାଥ ଶର୍ମା, ଖଲ୍ଲିକୋଟ ଏନଏସି ପୂର୍ବତନ ନଗରପାଳ ବିଜୟ କୁମାର ସାହୁ, ମନମଦନ ସାହୁ, ପିସିସି ସଭ୍ୟ ବିଶ୍ୱଜିତ ତରାଇ, ବିପ୍ରଚରଣ ପ୍ରଧାନ, ଅଜୟ କୁମାର ପଣ୍ଡା, ଦୀନବନ୍ଧୁ ଅଧିକାରୀ, ଭାସ୍କର ସେଠୀ, ନିରଞ୍ଜନ ଦାସ, ରାମଚନ୍ଦ୍ର ବେହେରା, ପ୍ରଭାତ କୁମାର ସାମନ୍ତରା, ଲମ୍ବୋଦର ବେହେରା, ଲଛମନ ପାତ୍ର, ଅଶ୍ୱିନୀ କୁମାର ପାଣିଗ୍ରାହୀ, ମିଡ଼ିଆ ସଂଯୋଜକ ସୁରେନ୍ଦ୍ର କୁମାର ସାହୁ, ସୁରେଶ କୁମାର ଦାସ, ନାରାୟଣ ବେହେରା, ଅଶ୍ୱିନୀ କୁମାର ବେହେରା, ତପନ ପାହାନ, ନରେନ୍ଦ୍ର ନାହାକ, ବନିତା ବେହେରା, ଅଞ୍ଜନା ବେହେରା, ସୁଜ୍ଞାନୀ ପଟ୍ଟନାୟକ ଜିଲ୍ଲା ମହିଳା କଂଗ୍ରେସ ସମ୍ପାଦିକା, ଗୌରାହାରୀ ପରିଡ଼ା, ଦେବେନ୍ଦ୍ର ଜାଲି, ରମେଶ ଜାଲି, ଚକ୍ରପାଣି ବେହେରା, ଭାଗ୍ୟ ନାହାକଙ୍କ ସମେତ ବହୁ ଦଳୀୟ କର୍ମୀ ଓ ପଦାଧିକାରୀ ସାମିଲ ହୋଇଥିଲେ ।

# ବୁଗୁଡ଼ା ସହରରେ ପୁଲିସର ଫ୍ଲାଗ୍ମାର୍ଚ୍ଚ



ବୁଗୁଡ଼ା, ୨୪ ।୩(ସମିସ): ଆଗାମୀ ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ନିର୍ବାଚନ ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଲକ୍ଷ୍ୟରେ ବୁଗୁଡ଼ା ପୁଲିସ ପକ୍ଷରୁ ରବିବାର ସନ୍ଧ୍ୟାରେ ସହରରେ ଫ୍ଲାଗ୍ମାର୍ଚ୍ଚ କରାଯାଇଛି । ଭଞ୍ଜନଗର ଏସ୍‌ଡିପିଓ ସୁଜିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ବୁଗୁଡା ଥାନାଧିକାରୀ ପ୍ରଭାତ ରଞ୍ଜନ ମହାନ୍ତି, ଏସଆଇ ସମୀର କୁମାର ସେଠୀ, ବିନାୟକ ବିଧାର ଓ ଜ୍ୟୋତିଶ୍ରୀ ସାହୁ, ବାଲିପଦର ଫାଣ୍ଡି ଅଧିକାରୀ ସମୀର କୁମାର ବେହେରାଙ୍କ ସମେତ ୧ ପ୍ଲାଟୁନ୍ ପୁଲିସ ଫୋର୍ସ ଏଥିରେ ସାମିଲ ଥିଲେ । ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବାବେଳେ ଆସିକା ସଂସଦୀୟ କ୍ଷେତ୍ରରେ ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ମେ ୨୦ ତାରିଖରେ ସାଧାରଣ ନିର୍ବାଚନ ହେବ । ବୁଗୁଡ଼ା ସହରା ଏବଂ ଗୋଳିଆ ଓ ଭାମ୍ୟଶାଳି ପଞ୍ଚାୟତରେ ପୁଲିସର ଏତାଦୃଶ ଫ୍ଲାଗ୍ମାର୍ଚ୍ଚ ଜରିଆରେ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ କରାଯିବା ନେଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

# ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ଖଲ୍ଲିକୋଟ, ୨୪ ।୩(ସମିସ):** ଖଲ୍ଲିକୋଟ ବିଜେଡି ତରଫରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ । ବିଧାୟିକା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ । ଏହି ଅବସରରେ ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ନିର୍ବାଚନମଣ୍ଡଳୀ ବିଜେଡି ସଭାପତି ଭିକାରୀ ପାଣ୍ଡି, ତୁଳସୀପୁର ସରପଞ୍ଚ ଶିକ ପାଣ୍ଡି, ସମିତି ସଭ୍ୟ ଟୁଲୁ ପାହାନ, ଜିଲ୍ଲା ପରିଷଦ ସଭ୍ୟା ସୋନମ୍ ପଲେଇ, ବିନାୟକ ଜାଲି, ଚନ୍ଦନା ସେଠୀ, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ରାମ ମୋହନ ପଣ୍ଡା, ମହିଳା ବିଜେଡି ସଭାନେତ୍ରୀ ମିତାଞ୍ଜଳୀ ମିଶ୍ର, ବିକ୍ରମପୁର ସରପଞ୍ଚ ପ୍ରସନ୍ନ କୁମାର ଆଚାର୍ଯ୍ୟ, କୈରାଶିର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ, ମିଶନ ଶକ୍ତି ମହିଳା ସଦସ୍ୟା, ଗ୍ରାମବାସୀ ଯୋଗ ଦେଇଥିଲେ ।

# ସୁନାରୀ ବୁଗୁଡ଼ାରେ ଲକ୍ଷ୍ମୀନୃସିଂହଙ୍କ ପୂଜାର୍ଚ୍ଚନା



**ପୋଲସରା, ୨୪ ।୩(ସମିସ):** ପୋଲସରା ବ୍ଲକ ଅନ୍ତର୍ଗତ ମଧୁପଲ୍ଲୀ ପଞ୍ଚାୟତର ସ୍ଥିତ ସୁନାରୀବୁଗୁଡାରେ ଗୋଲା ସମ୍ପ୍ରଦାୟ ଦ୍ୱାରା ଲକ୍ଷ୍ମୀନୃସିଂହଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇ ଯାଇଛି । ଦୀର୍ଘ ୫ ବର୍ଷରେ ଥରେ ଏହି ସୁନାରୀବୁଗୁଡା ସମସ୍ତ ଗୋଲା ସମ୍ପ୍ରଦାୟର ପରିବାର ବର୍ଗ ଏକାଠି ହୋଇ ଶ୍ରଦ୍ଧାର ସହ ନିଜ ଇଷ୍ଟ ପ୍ରଭୁ ଶ୍ରୀ ଲକ୍ଷ୍ମୀ ନୃସିଂହଙ୍କ ପୂଜାକୁ ପାଳନ କରିଥାନ୍ତି । ଦୂରଦୂରାନ୍ତରେ ତଥା ରାଜ୍ୟ ବାହାରେ ଥିବା ବହୁ ପରିବାର ସଦସ୍ୟଙ୍କ ଏହା ପୂଜାରେ ଯୋଗ ଦେଇ ନୂତନ ପୋଷାକ ପରିଧାନ କରିଥାନ୍ତି । ସନ୍ଧ୍ୟାରେ ଘଣ୍ଟ ଘଣ୍ଟା ମୃଦଙ୍ଗ ବାଜା ସହ ବିରାଟ ଶୋଭାଯାତ୍ରାରେ ଗାଁ ନିକଟସ୍ଥ ପୋଖରୀରେ ପହଞ୍ଚି ଲକ୍ଷ୍ମୀନୃସିଂହଙ୍କ ସମସ୍ତ ପୁରୁଣାବସ୍ତ୍ର ଆସବାବପତ୍ରକୁ ବିସର୍ଜନ କରି ନୂତନ ବସ୍ତ୍ର ପିନ୍ଧାଇ ଥାନ୍ତି । ଏହି ଅବସରରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ନିଜର ସମର୍ଥକ ଗହଣରେ ଆସି ଗୋଲା ସମ୍ପ୍ରଦାୟର ଅଧିଷ୍ଠାତା ଲକ୍ଷ୍ମୀନୃସିଂହଙ୍କ ଦର୍ଶନ କରି ତାଙ୍କର କୃପା ଲାଭ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ବସନ୍ତ କରଣ, ନିର୍ବାଚନମଣ୍ଡଳୀ ସଭାପତି ସୁଶାନ୍ତ କୁମାର ପୋଲେଇ, ବିଧାୟକ ପ୍ରତିନିଧି ସୁକାନ୍ତ ଭୂୟାଁ, କେ. ସନ୍ତୋଷ କୁମାର ପାତ୍ର ସଭାପତି, କେ ସୁବାଷ ଚନ୍ଦ୍ର ପାତ୍ର, ଏସ୍ ହାଡୁ ପାତ୍ର, ଏସ ଲଛମନ୍ ପାତ୍ର, ଏସ ପଞ୍ଚୁ ପାତ୍ର, କେ ଦଣ୍ଡ ପାତ୍ର, ଏ ଲକ୍ଷ୍ମୀ ପାତ୍ର ଓ ଏସ ବାବୁଲା ପାତ୍ରଙ୍କ ସମେତ ସମସ୍ତ ଗ୍ରାମ କମିଟି ବୃନ୍ଦ ଉପସ୍ଥିତ ଥିଲେ ।

# ପାଟପୁର ଠାକୁରାଣୀ ଯାତ୍ରା ପ୍ରସ୍ତୁତି ବୈଠକ



**ସାନଖେମୁଣ୍ଡି, ୨୪ ।୩(ସମିସ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁରରେ ଆସନ୍ତା ୧୬ ତାରିଖରେ ହେବାକୁ ଥିବା ଠାକୁରାଣୀ ଯାତ୍ରା ପାଇଁ ରବିବାର ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏହି ଯାତ୍ରା କିପରି ଶାନ୍ତି ଶୃଙ୍ଖଳାରେ ସମାପନ ହେବ ସେନେଇ ପରିଚାଳନା କମିଟି, ସହଯୋଗୀ କମିଟିଙ୍କ ସହିତ ସ୍ୱେଚ୍ଛାସେବୀ ଓ ଯୁବକମାନଙ୍କୁ ନେଇ ଲୋକମାନେ ସୁବିଧାରେ ଯାତ୍ରା ଦେଖିବା ସହିତ ବିଭିନ୍ନ କଳାକୁଞ୍ଜ, ମେଢ଼ ଓ ମିନବଜାରକୁ ଦେଖି ଭଲରେ ଘରେ ପହଞ୍ଚି ପାରିବେ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା । ପାର୍କିଂଠାରୁ ଆରମ୍ଭ କରି ଲୋକମାନେ କିପରି ଧାଡ଼ିରେ ଯିବା ଆସିବା କରି ପାରିବେ ତା' ଉପରେ ସମସ୍ତଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ଯାତ୍ରା କମିଟି ଉପଦେଷ୍ଟା ଶଙ୍କର୍ଷଣ ସ୍ୱାଇଁ, ବାଳକୃଷ୍ଣ ଚୌଧୁରୀ, ସଭାପତି ଟି.ବାବୁ ସୁବୁଦ୍ଧି, ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ରଘୁନାଥ ବେହେରା, ଉପସଭାପତି ଦିବାକର ପାଢ଼ୀ, ଉପ ସମ୍ପାଦକ ଅରୁଣ ଖୁଣ୍ଟିଆ, ପାଟପୁର ସରପଞ୍ଚ ପ୍ରତିନିଧି ମୁକୁନ୍ଦ ଚନ୍ଦ୍ର ବରାଡ, ସମିତି ସଭ୍ୟ ପ୍ରତିନିଧି ଶୁକଦେବ ସ୍ୱାଇଁ, ସୁକାନ୍ତ କୁମାର ଖୁଣ୍ଟିଆ, ଏ.ନରେନ୍ଦ୍ର ରେଡି, ଅଶୋକ କୁମାର ସାବତ, ସୀମାଞ୍ଚଳ ସେଠୀ, ରଞ୍ଜନ କୁମାର ଖୁଣ୍ଟିଆ, ଏନ୍.ମାଧବ ରେଡି, ଅଚ୍ୟୁତାନନ୍ଦ ସାମଲ, ଗୌରହରି ସାହୁ, ନିତ୍ୟାନନ୍ଦ ସାହୁ, ଏମ ବୁଲା ରେଡିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସୋରଡ଼ା ବିଧାୟକଙ୍କ ଜନସମ୍ପର୍କ ଯାତ୍ରା



**ବେଲଗୁଣ୍ଠା, ୨୪ ।୩(ସମିସ):** ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ବେଲଗୁଣ୍ଠା ବ୍ଲକର ବିଭିନ୍ନ ଗ୍ରାମରେ ବୁଲି ଜନ ସମ୍ପର୍କ ଯାତ୍ରା ଆରମ୍ଭ କରିଛନ୍ତି । ତାଙ୍କ ସହ ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ଉମା ଚରଣ ନାୟକ, ବ୍ଲକ ବିଜେଡ଼ି ସଭାପତି ତଥା ବଡ଼ ବୋର୍ସିଂ ସରପଞ୍ଚ ରାମେଶ୍ୱର ପାତ୍ର, ପୂର୍ବତନ ସମିତିସଭ୍ୟ ପ୍ରଦ୍ୟୁମ୍ନ ପାତ୍ର, ସରପଞ୍ଚ ପ୍ରତିନିଧି ଚୁଡଙ୍ଗ ସ୍ୱାଇଁ, ପ୍ରମୁଖ ବେଲଗୁଣ୍ଠା ବ୍ଲକର କେବିରି ବ୍ରହ୍ମପୁରରେ ଚାଲିଥିବା ଚବିଶି ପ୍ରହର ଅଖଣ୍ଡ ନାମ ଯଜ୍ଞରେ ଯୋଗ ଦେଇଥିଲେ । ସେହିପରି ନେଟଙ୍ଗା ପଞ୍ଚାୟତର ରତନପୁର ଠାରେ ଆୟୋଜିତ ଚବିଶି ପ୍ରହର ଅଖଣ୍ଡ ନାମ ଯଜ୍ଞରେ ବିଧାୟକ ଯୋଗ ଦେଇଥିବା ବେଳେ ସରପଞ୍ଚ ପ୍ରତିନିଧି ଦେବେନ୍ଦ୍ର ଗୌଡ଼, ସମିତିସଭ୍ୟ ରାଜୀବ ଲୋଚନ ନାଇକ ଉପସ୍ଥିତ ଥିଲେ ଓ ଏହାପରେ ବିଧାୟକ ଶ୍ରୀ ସ୍ୱାଇଁ କ୍ଷତ୍ରିୟବରପୁର ପଞ୍ଚାୟତର ସିଂହମର୍ଦ୍ଦନ ଗ୍ରାମରେ ଶ୍ୟାମା କାଳୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିଲେ । ବିଧାୟକ ଶ୍ରୀ ସ୍ୱାଇଁଙ୍କ ସହ କ୍ଷେତ୍ରୀୟବର ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ଗୌଡ଼ ଓ ଶାସନ ସରପଞ୍ଚ ପ୍ରତିନିଧି ସୀମାଞ୍ଚଳ ବିଷୋୟୀ ଉପସ୍ଥିତ ଥିଲେ ।

# ଓକିଲ ସଂଘର ସମ୍ବର୍ଦ୍ଧନା ସଭା

ଭଞ୍ଜନଗର, ୨୪ ।୩(ସମିସ): ଭଞ୍ଜନଗର ଓକିଲ ସଙ୍ଘ ତରଫରୁ ଓଡ଼ିଶା ରାଜ୍ୟ ଓକିଲ ପରିଷଦର ନିର୍ବାଚନରେ ଭୁବନେଶ୍ୱର ଓକିଲ ସଂଘର ସଭ୍ୟ ତପନ କୁମାର ବିଶ୍ୱାଳ ନିର୍ବାଚିତ ହୋଇଥିବାରୁ ଏହାକୁ ନେଇ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ।



ଏଥିରେ ସଂଘର ସଭାପତି ଅଭିମନ୍ୟୁ ଗୌଡ଼, ଉପସଭାପତି ରଜତ କୁମାର ଦାଶ, ସମ୍ପାଦକ ହରେକୃଷ୍ଣ ମହାପାତ୍ର, ସହ ସମ୍ପାଦକ ଚନ୍ଦ୍ରମଣି ମହାପାତ୍ର, କୋଷାଧ୍ୟକ୍ଷ ଗିରିଜା ଶଙ୍କର ଭୂୟାଁ ମଞ୍ଚାସୀନ ଥିଲେ । ଉକ୍ତ ସଭାରେ ସଭାପତି ଶ୍ରୀ ବିଶ୍ୱାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ବର୍ତ୍ତମାନ ସମୟରେ ଓକିଲ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଅବଗତ କରାଇଥିଲେ । ଶ୍ରୀ ବିଶ୍ୱାଳ ମଧ୍ୟ ଓକିଲ ମାନଙ୍କ ସମସ୍ତ ଅଭିଯୋଗକୁ ସରକାରଙ୍କୁ ଜଣାଇ ତାର ସମାଧାନ ଉପରେ ଗୁରୁତ୍ୱ ଦେବେ ବୋଲି ଜଣାଇଥିଲେ । ଏଥି ସହ ଓକିଲ ସଂଘର ଯୁବ ଓକିଲ ସମୀର ନାୟକ ଓ ସୁଶାନ୍ତ ତିଆଡୀ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ । ଓକିଲ ସଂଘର ସମ୍ପାଦକ ସଭା ପରିଚାଳନା କରିଥିବାବେଳେ ଉପ ସଭାପତି ରଜତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ସନ୍ତୋଷ କୁମାର ନାୟକ, ଲକ୍ଷୀକାନ୍ତ ମହାପାତ୍ର, ବସନ୍ତ କୁମାର ଦାଶ, ଦଣ୍ଡପାଣି ସ୍ୱାଇଁ, ଅଳକା ମଞ୍ଜରୀ ପଟ୍ଟନାୟକ, ଶୈଳେନ୍ଦ୍ର ସାହୁ, ଦିବାକର ନାୟକ, ରାଜେନ୍ଦ୍ର ପ୍ରସାଦ ପ୍ରଧାନଙ୍କ ସମେତ ବହୁ ଓକିଲ ଉପସ୍ଥିତ ଥିଲେ ।

# ପିସିସି ସାଧାରଣ ସମ୍ପାଦକଙ୍କୁ ଶୁଭେଚ୍ଛା

ବ୍ରହ୍ମପୁର, ୨୪ ।୩(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଗଞ୍ଜାମ ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ ନିରଞ୍ଜନ ପାଣିଗ୍ରାହୀଙ୍କୁ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ରୁପେ ନିଯୁକ୍ତି ପ୍ରଦାନ କରିଥିବାରୁ ଗଞ୍ଜାମ ଓ ଗଜପତି ଜିଲ୍ଲା କଂଗ୍ରେସରେ ଖୁସିର ଲହରୀ ଖେଳିଯାଇଛି । ଏହି ଅବସରରେ ଜିଲ୍ଲାର ଛାମୁଆ ସଙ୍ଗଠନ ଓ ପୂର୍ବତନ କର୍ମକର୍ତ୍ତାଗଣ ଶ୍ରୀ ନିରଞ୍ଜନ ପାଣିଗ୍ରାହୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଗଞ୍ଜାମ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଏନ. ଭୀମରାଜୁ ରେଡ୍ଡୀ, ବ୍ରହ୍ମପୁର ମହାନଗର ଅନୁସୂଚିତ ଜାତି ସେଲର ଅଧ୍ୟକ୍ଷ ଭାସ୍କର ବାଙ୍ଗାରୀ, ଜିଲ୍ଲା ସମ୍ପାଦକ ଇଶ୍ୱରୀ ରାଉତ, ସୁଭାସିନୀ ପଟ୍ଟନାୟକ, କୁକୁଡାଖଣ୍ଡି ବ୍ଲକର କଂଗ୍ରେସ ନେତା ଏ.ଚିନ୍ତାମଣି, ଜିଲ୍ଲା ସମ୍ପାଦକ ସିମାଞ୍ଚଳ ପ୍ରଧାନ, ଜିଲ୍ଲା କଂଗ୍ରେସ ଉପ ସଭାପତି ବୃନ୍ଦାବନ ଖଟେଇ, ଆଇନଜୀବୀ ଅଜିତ ହୋତା, ସୂର୍ଯ୍ୟ ମହାପାତ୍ର, ସିମାଞ୍ଚଳ ବିଶୋୟୀ, ସାଗର ମହାଙ୍କୁଡ, ମୋହନା ବ୍ଲକର ନେତା ବୃନ୍ଦାବନ ସାମନ୍ତରା, ନୂଆଗଡ଼ ବ୍ଲର ସାନ୍ତନୁ ଗୁରୁ, ଗୋପାଳପୁରର ପୂର୍ବତନ ବିଧାୟକ ଡାକ୍ତର ତ୍ରିନାଥ ବେହେରା, ପ୍ରମୋଦ ଦାସ, ପାତ୍ରପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ବାବୁ ପଣ୍ଡା, ପାରଳାଖେମୁଣ୍ଡି କଂଗ୍ରେସ ନେତା ବସନ୍ତ ପଣ୍ଡା, ରମେଶ ଆପଟ୍ଟ, ଛତ୍ରପୁର କଂଗ୍ରେସ ନେତା ଭାଗିରଥୀ ବେହେରା, ରଙ୍ଗେଇଲୁଣ୍ଡା କଂଗ୍ରେସ ନେତା ଉମାକାନ୍ତ ସାସମଲ ଓ ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ଉପ ସଭାପତି ଗଙ୍ଗାଧର ପ୍ରଧାନ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

୮ମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ପ୍ରଭାତ କୁମାର ମହାନ୍ତି
ଆବିର୍ଭାବ: ୨୫.୦୫.୧୯୮୪
ତିରୋଧାନ: ୨୩.୦୩.୨୦୧୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି,
ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ।
ସର୍ଗବାସ ଶାନ୍ତି ପ୍ରଦାୟକ ହେଉ ।
ଏହା ହିଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ
ପାଦପଦ୍ମରେ ବିନମ୍ର ନିବେଦନ।
-: ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ :-
ଭାଇ ଓ ଦୁଇ ଭାଉଜ, ଝିଆରୀ- ପ୍ରକ୍ସିମା,
ପୁତୁରା- ପ୍ରଲୋଭନ, ପୁତ୍ର- ପ୍ରତ୍ୟୁସ୍ମାନ୍
ଓ ଶୋକସନ୍ତପ୍ତ ମହାନ୍ତି ପରିବାର ବର୍ଗ
ଜଙ୍କିଆ, ରଣପୁର, ନୟାଗଡ଼

# ଦିଗପହଣ୍ଡି ପୁଲିସ ପକ୍ଷରୁ ଫ୍ଲାଗ୍ମାର୍ଚ୍ଚ

**ଦିଗପହଣ୍ଡି, ୨୪ ।୩(ସମିସ)**

ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ରବିବାର ଦିଗପହଣ୍ଡି ଥାନା ପକ୍ଷରୁ ସହରରେ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି । ଥାନା ଆଇଆଇସି ବାବାଶଙ୍କର ସରାଫଙ୍କ ନେତୃତ୍ୱରେ ବିଏସଏଫ ଅଧିକାରୀ ଗୁରୁପ୍ରୀତ୍ ସିଂଙ୍କ ସମେତ ବ୍ୟାପକ ପୁଲିସ ଫୋର୍ସ ଓ କର୍ମଚାରୀମାନେ ଉପସ୍ଥିତ ରହି ଫ୍ଲାଗମାର୍ଚ୍ଚ କରିଥିଲେ । ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦିଗପହଣ୍ଡି ଅଞ୍ଚଳରେ ନିର୍ବାଚନ କିପରି ଶାନ୍ତି ଶୃଙ୍ଖଳାରେ ହୋଇପାରିବ, ଅପରାଧିକ କାର୍ଯ୍ୟଠାରୁ ଦୂରେଇ ରହିବା, ନିରପେକ୍ଷ ନିର୍ବାଚନ ପାଇଁ ପୁଲିସକୁ ସହଯୋଗ କରିବା ଏବଂ ଭୟଭୀତ ନ ହେବା ଲକ୍ଷ୍ୟରେ ପୋଲିସ କର୍ମଚାରୀମାନେ ଦିଗପହଣ୍ଡି ଥାନାଠାରୁ ବାହାରି ବଡ଼ଦାଣ୍ଡ, ମେଡିକାଲ ଛକ, ପୁଞ୍ଜିକୟାଁ ଛକ, ବସ୍‌ଷ୍ଟାଣ୍ଡ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ । ସେହିପରି ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ଭୋଟ କେନ୍ଦ୍ର ମାନଙ୍କରେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ନେଇ ଆଇଆଇସି କହିଛନ୍ତି ।



ଏଥିସହ ଦିନକୁ ଦିନ ଦେଶୀ ମଦର ବିକ୍ରି, ଯାନବାହନ ଗୁଡ଼ିକର ଦ୍ରୁତ ଯାତାୟାତ ଉପରେ ପୁଲିସର ନଜର ରହିବ ବୋଲି କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏସ୍ଆଇ ସୋଫିଆ ମିଶ୍ର, ଦୁଷ୍ମନ୍ତ କୁମାର ପ୍ରଧାନ, ଜ୍ୟୋତି ରଞ୍ଜନ ବେହେରା, ଏଏସ୍ଆଇ ନିଗମ ପ୍ରଧାନ, ଅଜୟ ନାୟକ, ମନୋଜ ସିଂ, ଝୁନୁ ମାଝୀ, ନରସିଂହ ପାଣିଙ୍କ ସମେତ ବିଏସ୍ଏଫ୍ ଓ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ ।

SGI FOUNDATION | LTIMindtree | KOSHER CLIMATE

**PUBLIC NOTICE**

**LTIM and SGI Foundation** in association with **Kosher Climate India Pvt. Ltd.,** is providing services on **"Agro-Forestry Project"** for the farmers of Odisha State.

The project **"Sustainable agroforestry initiative by LTIM in India"** in the Odisha State is designed with an objective of Afforestation and Reforestation activity. The planting of diverse tree species contributes significantly to carbon sequestration by reducing carbon emissions, improving soil health, and promote resilience against climate challenges. Simultaneously, the project empowers local communities by providing sustainable livelihoods, fostering a symbiotic relationship between agriculture, forestry, and environmental conservation contributing to various Sustainable Development Goals.

**LTIM, SGI Foundation and Kosher** is undertaking this project which will be registered and undergo certification for Carbon Credits under Verified Carbon Standard (VCS). In this regard, **the project coordinators** are conducting a stakeholders consultation meeting (Public Meeting) at the below mentioned locations, to know the public views or hear suggestions on the program's social and environmental impacts.

| Date | Time | Location |
|---|---|---|
| 31/03/2024 | 9.30 AM | Community Hall , Mahulpati.,Turekela,Odisha |
| 02/04/2024 | 9.30 AM | Mausi Mandir ,Mahakhand, Turekela ,Odisha |
| 04/04/2024 | 9.30 AM | Gram Panchayat Ghunesh,Turekela ,Odisha |
| 06/04/2024 | 9.30 AM | Gram Panchayat Badbanki ,Turekela ,Odisha |
| 08/04/2024 | 9.30 AM | U.P School Tikirapada, Turekela, Odisha |

All the concerned people or communities are invited to attend the meeting. For any further clarifications on the project activity, please contact our representative at the below details. It should also be noted that people who would be unable to attend this meeting in-person can send their concerns to the below email ID.

**Contact person : Amanta kumar sahu -9178508900, Subodh Padhan- 8917549985,**
**E-mail: gramsamruddhitrust@gmail.com, info@sgi.foundation.**

ସକାଳ THE SAKALA



## ପ୍ରଶାସନର ଅଜବ ନୀତି

# ପଞ୍ଚାୟତ ଦେଲା ଦୋକାନ ଘର; ଛାଡ଼ିବାକୁ ନୋଟିସ୍ ଦେଲେ ତହସିଲଦାର

**ଫିରିଙ୍ଗିଆ, ୨୪।୩(ସମିସ)**

ସରକାର ଜନସାଧାରଣଙ୍କ ରୋଜଗାର ଓ ସୁବିଧା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସୁବିଧା ଯୋଗାଇ ଦେଉଥିବା ବେଳେ କେଉଁଠି ପ୍ରଶାସନର ଅବହେଳା ତ କେଉଁଠାରେ ପ୍ରଶାସନର ଅଜବ ନୀତି ଯୋଗୁଁ କୋଟି କୋଟି ଟଙ୍କା ପାଣିରେ ପଡୁଛି। ଫିରିଙ୍ଗିଆ ବ୍ଲକରେ ଏମିତି ଏକ ଅଜବ ଘଟଣା ଦେଖିବାକୁ ମିଳିଛି। ଦଶବର୍ଷ ପୂର୍ବେ ପ୍ରଶାସନ ଯୋଗାଇ ଦେଇଥିଲା ଦୋକାନ ଘର। ପଞ୍ଚାୟତ କାର୍ଯ୍ୟାଳୟକୁ ଦୋକାନୀ ଭଡ଼ା ମଧ୍ୟ ଦେଉଥିଲେ। କିନ୍ତୁ ହଠାତ ଦୋକାନୀଙ୍କୁ ବେଆଇନ ଭାବରେ ସରକାରୀ ଜାଗାରେ ଦୋକାନ ଘର ନିର୍ମାଣ କରିଛ। ତେଣୁ ୭ ଦିନ ମଧ୍ୟରେ ଦୋକାନ ଘର ଛାଡ଼ ବୋଲି ନୋଟିସ ଦେଇଛନ୍ତି ତହସିଲଦାର। ତହସିଲ କାର୍ଯ୍ୟାଳୟ ତରଫରୁ ଦୋକାନ ଘରରେ ଲଗାଯାଇଥିବା ନୋଟିସକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ସହରରେ ଏଭଳି ଘଟଣା ଘଟିଛି।



ଦଶ ବର୍ଷ ପୂର୍ବେ ଫିରିଙ୍ଗିଆରେ କନ୍ଧମାଳ ଜିଲ୍ଲା ଆଦିବାସୀ ଉନ୍ନୟନ ବିଭାଗ ଓ ଆଇଟିଡିଏ ତରଫରୁ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା। ଏଥିପାଇଁ ବିଭାଗ ତରଫରୁ ଦୁଇଟି ଯାତ୍ରୀ ବିଶ୍ରାମାଗାର, ଗୋଟିଏ କାର୍ଯ୍ୟାଳୟ ଓ ଚାରୋଟି ଦୋକାନ ଗୃହ ନିର୍ମାଣ ହୋଇଥିଲା। ଆବଶ୍ୟକ ପଦକ୍ଷେପ ଅଭାବରୁ ବସ୍‌ଷ୍ଟାଣ୍ଡର କାର୍ଯ୍ୟ ସରିବା ପରେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରି ନ ଥିବା ବେଳେ ଦୋକାନ ଘରକୁ ଆଇଟିଡିଏ ଫିରିଙ୍ଗିଆ ପଞ୍ଚାୟତକୁ ହସ୍ତାନ୍ତର କରିଥିଲା। ବସ୍‌ଷ୍ଟାଣ୍ଡ ଭିତରେ ଥିବା ଚାରୋଟି ଦୋକାନ ଘରକୁ ପଞ୍ଚାୟତ ଚାରିଜଣ ବ୍ୟବସାୟୀଙ୍କୁ ଭଡ଼ା ସୂତ୍ରରେ ଦେଇଥିଲା। ବ୍ୟବସାୟୀ ପଞ୍ଚାୟତକୁ ପ୍ରତିମାସରେ ଭଡ଼ା ଦେଉଥିଲେ। ବର୍ତ୍ତମାନ ଫିରିଙ୍ଗିଆରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ତରଫରୁ ସ୍ମାର୍ଟ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବା ପାଇଁ ନିର୍ଦ୍ଦେଶ ଆସିବା ଓ ଟଙ୍କା ମଞ୍ଜୁର ହୋଇଥିବାରୁ ରାଜସ୍ୱ ବିଭାଗ ଏହି ଜାଗାକୁ ପରିବହନ ବିଭାଗକୁ ହସ୍ତାନ୍ତର କରିଛି। ଫିରିଙ୍ଗିଆବାସୀ ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡକୁ ସ୍ୱାଗତ ମଧ୍ୟ କରିଛନ୍ତି। କିନ୍ତୁ ବସ୍‌ଷ୍ଟାଣ୍ଡ ଭିତରେ ଥିବା ଏହି ଦୋକାନ ଘରଗୁଡ଼ିକରେ ତହସିଲ କାର୍ଯ୍ୟାଳୟ ତରଫରୁ ଲଗାଯାଇଥିବା ନୋଟିସ ନେଇ ଆଲୋଚନା ହେଉଛି। ତହସିଲ କାର୍ଯ୍ୟାଳୟ ତରଫରୁ ଲଗାଯାଇଥିବା ନୋଟିସରେ ଦୋକାନ ବେଆଇନ ଭାବରେ ନିର୍ମାଣ ହୋଇଥିବା ଉଲ୍ଲେଖ କରାଯାଇଛି। ନୋଟିସ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ତରଫରୁ ଲଗାଯାଇଛି। ଦୋକାନୀ ବିନା ଅନୁମତିରେ ଏଠି ଦୋକାନ ଘର ନିର୍ମାଣ କରି ବ୍ୟବସାୟ କରିଆସୁଥିବା ନୋଟିସରେ ଉଲ୍ଲେଖ ରହିଥିବା ବେଳେ ଦୋକାନ ଘର ନିର୍ମାଣ ହୋଇଥିବା ଜମିରେ କିସମ ଘରବାରି ଓ ଏହି ଜମିକୁ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ଉଲ୍ଲେଖ ରହିଛି। ଏଠି ପ୍ରଶ୍ନ ଉଠୁଛି ଯଦି ଏହି ଯେମିତି ଘରବାରି କିସମରେ ରହିଛି ଓ ଦୋକାନୀ ବେଆଇନ ଭାବରେ ଦୋକାନ ଘର ନିର୍ମାଣ କରିଛନ୍ତି ତାହେଲେ ଦଶବର୍ଷ ପୂର୍ବେ ଆଦିବାସୀ ଉନ୍ନୟନ ବିଭାଗ ଏବଂ ଆଇଟିଡିଏକୁ କିଭଳି ଭାବରେ ଓ କିଏ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଦେଇଥିଲା। ଯଦି ଏହା ବେଆଇନ ଭାବରେ ନିର୍ମାଣ ହୋଇଥିଲା ତା ହେଲେ ପଞ୍ଚାୟତ କେଉଁ ଅଧିକାରରେ ଦୋକାନୀଙ୍କଠାରୁ ଭଡ଼ା ଆଦାୟ କରୁଥିଲା। ପଞ୍ଚାୟତ ଭଡ଼ା ଆଦାୟ କରୁଥିବା ରାଜସ୍ୱ ବିଭାଗ ଜାଣିଛି କି ନାହିଁ ତାହା ଏବେ ପ୍ରଶ୍ନ ହୋଇଛି। ଦୀର୍ଘ ବର୍ଷ ଧରି ଦୋକାନ କରି ବ୍ୟବସାୟ କରି ଆସୁଥିବା ଦୋକାନୀ ଥଇଥାନ କରାଯିବା ପରେ ଦୋକାନ ଘର ଛାଡ଼ିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ଅନାମିକା ପାଣ୍ଡେଙ୍କୁ ପ୍ରଶ୍ନ କରାଯିବାରେ ବସ୍‌ଷ୍ଟାଣ୍ଡ ପାଇଁ ଜମି ପରିବହନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଦୋକାନୀଙ୍କୁ ଥଇଥାନ କରାଯିବ ବୋଲି କହିଛନ୍ତି।

## ବୃଦ୍ଧାଙ୍କ ସୁନାଅଳଙ୍କାର ଝାମ୍ପିନେଲେ ଦୁର୍ବୃତ୍ତ

**ପାରଳାଖେମୁଣ୍ଡି,୨୪।୩(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଲିଙ୍ଗିପୁର ଗ୍ରାମରେ ଦୁଇ ଜଣ ଦୁର୍ବୃତ୍ତ ଜଣେ ବୃଦ୍ଧାଙ୍କ ପ୍ରାୟ ୫ ତୋଳାର ସୁନା ଅଳଙ୍କାର ଝାମ୍ପି ନେଇଥିବା ଜଣାପଡ଼ିଛି। ଗ୍ରାମର ଏସ୍.ଭାନୁ (୬୫) ନାମକ ଜଣେ ବୃଦ୍ଧା ଏକାକି ମହେନ୍ଦ୍ରତନୟା ସେତୁ ଦେଇ ଚାଲି ଚାଲି ନିଜ ଘରକୁ ଆସୁଥିବା ବେଳେ ଦୁଇ ଜଣ ବାଇକ୍‌ରେ ଆସି ସେ ବେକରେ ପରିଧାନ କରିଥିବା ସୁନା ଅଳଙ୍କାରକୁ ଝାମ୍ପି ନେଇଥିଲେ। ବୃଦ୍ଧା ଜଣକ ଚିତ୍କାର କରିଥିଲେ। କିନ୍ତୁ ଦୁର୍ବୃତ୍ତ ଦ୍ରୁତ ଗତିରେ କେଉଁ ଆଡ଼େ ପଳାୟନ କରିଥିଲେ। ଏନେଇ ଗୁରାଣ୍ଡି ଥାନାରେ ଅଭିଯୋଗ ହେବା ପରେ ଥାନା ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ପୁଲିସ ଟିମ୍ ପହଞ୍ଚି ତଦନ୍ତ କରିଛି। ଗୁରାଣ୍ଡି ଥାନାରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ଆଇ ବଳରାମ ବେହେରା ତଦନ୍ତ କରୁଥିବା ଥାନା ସୂତ୍ରରୁ ପ୍ରକାଶ।

## ପୋଖରୀରେ ବୁଡ଼ି ଜଣେ ମୃତ

**ମୋହନା, ୨୪।୩(ସମିସ):** ଗଜପତି ଜିଲ୍ଲା ମୋହନା ଥାନା ଚନ୍ଦ୍ରଗିରି ଫାଣ୍ଡି ଅଧୀନସ୍ଥ କୀଡାସିଙ୍ଗି ଗ୍ରାମରେ ରବିବାର ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଡ଼ଁସୁରୀ ଗ୍ରାମର ଗୋବିନ୍ଦ ଜାନି(୪୫)। ରବିବାର ଅପରାହ୍ନ ୫ଟାରେ ଗୋବିନ୍ଦ ଗାଧୋଇବା ପାଇଁ ପୋଖରୀକୁ ଯାଇଥିବା ବେଳେ ବୁଡ଼ି ଯାଇଥିଲେ। ଖବର ପାଇ ମୋହନା ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ପୁଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି।



## ଦାରିଙ୍ଗବାଡ଼ିରେ ବିଜୟ ପର୍ବ ପାଳିତ



**ଦାରିଙ୍ଗବାଡ଼ି, ୨୪।୩(ସମିସ):** ଖ୍ରୀଷ୍ଟୀୟ ବିଶ୍ୱାସୀ ରବିବାର ଆନନ୍ଦର ପର୍ବ ବିଜୟ ଯାତ୍ରା ପାଳନ କରିଥିଲେ। ଦାରିଙ୍ଗବାଡ଼ିସ୍ଥିତ କ୍ୟାଥଲିକ ଚର୍ଚ୍ଚରେ ଯାଜକ ରାଜୀବ ଲୋଚନ ସିଂଙ୍କ ପୌରୋହିତ୍ୟରେ ବିଜୟ ପର୍ବ ଦିବ୍ୟ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁ ଦାରିଙ୍ଗବାଡ଼ି ବଇନିସାହିଠାରୁ ତାଳପତ୍ର ଧରି ଏକ ଶୋଭାଯାତ୍ରାରେ ବାହାରି ଚର୍ଚ୍ଚରେ ପହଞ୍ଚିଥିଲେ। ସେଠାରେ ଶ୍ରଦ୍ଧାଳୁଙ୍କ ହିତ ଉଦ୍ଦେଶ୍ୟରେ ଦିବ୍ୟଯଜ୍ଞ ସହିତ ପ୍ରାର୍ଥନା କରାଯାଇଥିଲା। ଏଥିରେ ଶତାଧିକ ଖ୍ରୀଷ୍ଟୀୟ ବିଶ୍ୱାସୀ ଉପସ୍ଥିତ ରହି ପର୍ବ ପାଳନରେ ସାମିଲ ହୋଇଥିଲେ। ଏହି ପର୍ବ ପାଳନରେ ଗ୍ରାମ୍ୟ ପ୍ରଚାରକ କାମେଲଙ୍କ ସମେତ ଜନତି ଦିଗାଳ, ଅକ୍ଷୟ କୁମାର ସିଂ, ରମାକାନ୍ତ ବଳିଆରସିଂ ଓ ତିଆଡ଼ି ନାୟକ ସହଯୋଗ କରିଥିଲେ। ଅକ୍ଷୟ ପରିଛା ସହ ସଙ୍ଗୀତ ଦଳ ସଙ୍ଗୀତ ପରିବେଷଣ କରି ପ୍ରାର୍ଥନା ମୟ ପରିବେଶ ସୃଷ୍ଟି କରିଥିଲେ।

## ସାଲୁଙ୍କୀ ନଦୀରୁ ନବଜାତ ଶିଶୁର ମୃତଦେହ ଉଦ୍ଧାର

**ଫୁଲବାଣୀ, ୨୪।୩(ସମିସ):** ସ୍ଥାନୀୟ ପିଲା ସାଲୁଙ୍କି ନଦୀରୁ ରବିବାର ଏକ ନବଜାତ ଶିଶୁ କନ୍ୟାର ମୃତଦେହ ଉଦ୍ଧାର କରାଯାଇଛି। ମୃତ ଶିଶୁ ସମ୍ପର୍କରେ କୌଣସି ସୂଚନା ମିଳି ନଥିବା ବେଳେ ଏହା କେଉଁ ପରିସ୍ଥିତିରେ ଏଠାକୁ ଭାସି ଆସିଛି, ସେ ନେଇ କିଛି ଜଣାପଡ଼ିନାହିଁ। ସୂଚନା ଅନୁସାରେ, ଫୁଲବାଣୀ ସହର ଦେଇ ଯାଇଥିବା ପିଲା ସାଲୁଙ୍କୀ ନଦୀର ଅପର ପାର୍ଶ୍ୱରେ ଆଜି ସକାଳେ ନିକଟସ୍ଥ ଡାକପାଲା ଗାଁର ସ୍ତ୍ରୀଲୋକ ମାନେ ଗାଧୋଇବା ପାଇଁ ଆସିଥିବା ବେଳେ, ପାଣିରେ ଏକ ମୃତ ଶିଶୁ କନ୍ୟା ଭାସୁଥିବା ଦେଖିଥିଲେ। ଏ ନେଇ ଟାଉନ ଥାନାକୁ ଖବର ଦିଆଯିବା ପରେ ପୁଲିସ ସହ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିମ ହ୍ୟୁମାନିଟିର କର୍ମୀ ପହଞ୍ଚି ମୃତ ଶିଶୁକନ୍ୟାର ମୃତଦେହକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସହରରେ ଏଭଳି ଘଟଣା ନେଇ ଚର୍ଚ୍ଚା ଚାଲିଛି। ଏ ନେଇ ଅଧିକ ତଦନ୍ତ ଚାଲିଥିବା ଟାଉନ ଥାନା ପକ୍ଷରୁ କୁହାଯାଇଛି।



## ୧୩ ଶମ୍ଭୁ ମିଳନ ସମାରୋହ ପାଇଁ ପ୍ରସ୍ତୁତି ବୈଠକ

**ବାଲିଗୁଡ଼ା, ୨୪।୩(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ାସ୍ଥିତ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ଡ.ରୀନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପଞ୍ଚୁଦଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ଏପ୍ରିଲ ୭ ତାରିଖରେ ଆୟୋଜିତ ହେବାକୁ ଥିବା ୧୩ ଶମ୍ଭୁ ମିଳନ ସମାରୋହ ନିମନ୍ତେ ପ୍ରଶାସନ ତରଫରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ ପାଇଁ ପୁଲିସ ତରଫରୁ ଅସ୍ଥାୟୀ ଫାଣ୍ଡି ସ୍ଥାପନ, ଏନ୍‌ଏସି ତରଫରୁ ସହର ପରିମଳ ବ୍ୟବସ୍ଥା, ଦୁଇଟି ପୋଖରୀ ସଫେଇ ଆଦି ସହିତ ଅନ୍ୟାନ୍ୟ ବିଭାଗର ଦାୟିତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ସମୟରେ ଯେଭଳି ନିର୍ବାଚନ ଆଚରଣବିଧି ଉଲ୍ଲଘଂନ ନ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଉପଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିବା ବେଳେ ପଞ୍ଚୁଦଣ୍ଡ ପରିଚାଳନା କମିଟି ସଭାପତି କିଶୋର କୁମାର ପାଳ, ଉପସଭାପତି ସୁଜିତ କୁମାର ପାଳ, ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ, ସହସମ୍ପାଦକ ଭଗବାନ ପଣ୍ଡା, କୋଷାଧ୍ୟକ୍ଷ ବଂଶୀଧର ପଣ୍ଡା, ଉପଦେଷ୍ଟା ରାଜ କିଶୋର ଦାସ, ସୁରେଶ ମହାନ୍ତି ଓ ଅଧିକାରୀ ଶିବରାମ ପ୍ରଧାନୀଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



● ଦଣ୍ଡଯାତ୍ରା ପାଇଁ ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି

## ମଞ୍ଚସ୍ଥ ହେବ 'କଳିଯୁଗ ତତେ ଦୂରୁ ଜୁହାର'



**ଜି.ଉଦୟଗିରି, ୨୪।୩(ସମିସ):** ଆସନ୍ତା ଏପ୍ରିଲ ୧ ତାରିଖରୁ ଜି. ଉଦୟଗିରିର ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ ହେବ। ଏଥିପାଇଁ ପରିଚାଳନା କମିଟି ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଉ ଯାତ୍ରା ପାଇଁ ପ୍ରସ୍ତୁତି ଚାଲିଛି ସାମାଜିକ ନାଟକ 'କଳିଯୁଗ ତତେ ଦୂରୁ ଜୁହାର'। ଦିଲୀପ ବିଶ୍ୱାଳଙ୍କ ରଚିତ ଏହି ନାଟକକୁ କାଳୁ ଚରଣ ପଣ୍ଡା ନିର୍ଦ୍ଦେଶନା ଦେଉଛନ୍ତି। ନାଟକକୁ ନେଇ କଳାକାର ଉତ୍ସାହିତ ଥିବାବେଳେ ଜୋରଦାର ଅଭ୍ୟାସ କରୁଛନ୍ତି। ନାଟକରେ ନାୟକ ଭାବେ ଶେଖର ପରିଛା, ନାୟିକା ଭାବେ ବିରଞ୍ଚି, ଖଳ ନାୟକ ଭାବେ ଜିତୁ ଦାଶ, ଖଳ ନାୟିକା ଭାବେ ବ୍ରହ୍ମାନନ୍ଦ ନାୟକଙ୍କ ସହିତ ବରିଷ୍ଠ କଳାକାର ସୁଦର୍ଶନ ନାୟକ, ସୁଧିର ସ୍ୱାଇଁ ଓ ହିମାଂଶୁ ସ୍ୱାଇଁ ପ୍ରମୁଖ ଅଭିନୟ କରୁଛନ୍ତି। ମଳୟ କୁମାର ମହାନ୍ତି ନାଟ୍ୟ ପରିଚାଳନା ଦାୟିତ୍ୱରେ ଏବଂ ଅଧିକାରୀ ଦାୟିତ୍ୱରେ ଜବାଲାଲ ପରିଛା ଅଛନ୍ତି।

## ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ କଳସ ଯାତ୍ରା

**ଜି.ଉଦୟଗିରି, ୨୪।୩(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଗୋଲାସାହି ତ୍ରିନାଥ ମନ୍ଦିର ଏବଂ ପଦାସାହିରେ ରବିବାରଠାରୁ ଅଷ୍ଟପ୍ରହରୀ ନାମଯଜ୍ଞ ଆରମ୍ଭ ହେବାକୁ ଥିବାବେଳେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଗୋଲାସାହି ତ୍ରିନାଥ ମନ୍ଦିର ଯଜ୍ଞ କମିଟି ସଭାପତି ସୀମାଞ୍ଚଳ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୋଭାଯାତ୍ରାରେ ପ୍ରସନ୍ନ କୁମାର ମିଶ୍ର, ବାଳକୃଷ୍ଣ ପଣ୍ଡା, ମାନସ କୁମାର ପଣ୍ଡା, ଅଶୋକ କୁମାର ପାତ୍ର, ଅମୂଲ୍ୟ କୁମାର ସାହୁ ଓ ଲକି ବିଶୋଇ ସହାୟତା କରିଥିଲେ। ସେହିଭଳି ପଦାସାହି ଯଜ୍ଞ କମିଟି ତରଫରୁ ମହେଶ୍ୱର ସାହୁ, ଗାନ୍ଧୀ ପ୍ରଧାନ, ତ୍ରିନାଥ ସାହୁ, ମଙ୍ଗୁଲୁ ପ୍ରଧାନ ଓ ସୁଦାମ ପାତ୍ର ସହଯୋଗ କରିଥିଲେ। ରବିବାରଠାରୁ ଆରମ୍ଭ ଏହି ନାମଯଜ୍ଞ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ।



## ସ୍କୁଟି ଧକ୍କାରେ ସାଇକଲ ଚାଳକ ମୃତ

**ମୋହନା, ୨୪।୩(ସମିସ):** ଗଜପତି ଜିଲ୍ଲା ମୋହନା ଥାନା ଚନ୍ଦ୍ରଗିରି ଫାଣ୍ଡି ଅଧୀନସ୍ତ ବଡ଼ସିନ୍ଦୁବା ପଞ୍ଚାୟତ ଦାରିଆମ୍ବ ଗାଁ ନିକଟରେ ସ୍କୁଟି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଦାରିଆମ୍ବ ଗାଁର ନିବାନ ଗମାଙ୍ଗ (୫୮) ବୋଲି ଜଣାପଡ଼ିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ ରବିବାର ମଧ୍ୟାହ୍ନରେ ନିବାନ ନିଜ ଗାଁରୁ ସାଇକଲରେ ଚଡିଆପଦା ଯିବାବେଳେ ପେଙ୍ଗମ ଗ୍ରାମ ପଟୁ ଆସୁଥିବା ସ୍କୁଟି ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ନିବାନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍କୁଟି ଚାଳକ ଫେରାର ଥିବାବେଳେ ପୁଲିସ ପହଞ୍ଚି ମୃତଦେହ ଜବତ କରିଛି। ଘଟଣାର ତଦନ୍ତ ଚାଲିଥିବା ଫାଣ୍ଡି ଅଧିକାରୀ ପୁରୁଷୋତ୍ତମ ପାଇକ ସୂଚନା ଦେଇଛନ୍ତି।

## ଅଷ୍ଟଶମ୍ଭୁ କମିଟି ସଭାପତିଙ୍କ ପରଲୋକ

**ଚକାପାଦ, ୨୪।୩ (ସମିସ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତର କୁସୁମେଣ୍ଡି ରାଜସ୍ୱ ଗ୍ରାମର ଅଷ୍ଟଶମ୍ଭୁ ସଭାପତି ଯୁଧିଷ୍ଠିର ବେହେରା(୭୩)ଙ୍କ ପରଲୋକ ଘଟିଛି। ରବିବାର ସକାଳେ ସେ ଅସୁସ୍ଥ ହୋଇ ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏକ ମାତ୍ର ପୁଅ ରଙ୍ଗ ସତ୍ୟ ପ୍ରିୟ ବେହେରା, ଝିଅ ଲୁସି, ପୁତୁରା କୁମୁଦ ବେହେରା, ଭାଇ ରାଜେନ୍ଦ୍ର ବେହେରା ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଶତାଧିକ ଜନସାଧାରଣଙ୍କ ଗହଣରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## ଆର୍‌ଏସ୍‌ଏସ୍ ପ୍ରଭାତ ଶାଖାର ବାର୍ଷିକ ଉତ୍ସବ

**ପାରଳାଖେମୁଣ୍ଡି, ୨୪।୩(ସମିସ):** ପାରଳାଖେମୁଣ୍ଡିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଗଜପତି ପ୍ରଭାତ ଶାଖାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅନାଦି ପାଣିଗ୍ରାହୀ ଓ ଗଜପତି ଜିଲ୍ଲା ସଂଘ ଚାଳକ ରାମକୃଷ୍ଣ ଜାନୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହା ସହ ନଗରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱୟଂ ସେବକ ଭାଇମାନଙ୍କ ତରଫରୁ ଏକ ଶାରୀରିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

## ନାଳ ଭିତରେ ପିଇବା ପାଣି ଟ୍ୟାପ୍

**ପାରଳାଖେମୁଣ୍ଡି, ୨୪।୩(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରବନ୍ଧ ଗ୍ରାମସ୍ଥିତ ସିନେମାହଲ ସାହିକୁ ପିଇବା ପାଇଁ ପାଣି ଯୋଗାଉଥିବା ଟ୍ୟାପ ନାଳ ମଧ୍ୟରେ ରହିଛି। ସାହିରେ ଦଶରୁ ଅଧିକ ଘର ରହିଥିବା ବେଳେ ଗୋଟିଏ ମାତ୍ର ପିଇବା ପାଇଁ ଟ୍ୟାପ୍ ଦିଆଯାଇଛି। ନାଳ ମଧ୍ୟ ଦେଇ ପାଇପ୍ ଲାଇନ ବିଛାଇ ଦିଆଯାଇଥିବା ବେଳେ ଷ୍ଟାଣ୍ଡପୋଷ୍ଟ ମଧ୍ୟ ନାଳ ମଧ୍ୟରେ ରହିଛି। ଏପରି ସ୍ଥଳେ ପିଇବା ପାଣି ଆସୁଥିଲେ ମଧ୍ୟ ଲୋକେ ଉପଯୋଗ କରିପାରୁ ନ ଥିବା ପ୍ରକାଶ କରିଛନ୍ତି।



ପ୍ରକାଶ ଯେ ସାହିରେ ପାନୀୟ ଜଳ ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ କରାଯିବା ପରେ ୧୦ ଦିନ ହେଲା ପିଇବା ପାଣି ଯୋଗାଇ ଦିଆଯାଇଛି। ହେଲେ ମୁଖ୍ୟ ପାଇପ୍‌ରୁ ସାହି ମଧ୍ୟକୁ ଯାଇଥିବା ପାଇପ୍ ନାଳ ମଧ୍ୟଦେଇ ଆଣାଯାଇଥିବା ବେଳେ ଷ୍ଟାଣ୍ଡପୋଷ୍ଟ ନାଳ ମଧ୍ୟରେ ସ୍ଥାପନ କରାଯାଇଛି। ନାଳ ମଧ୍ୟ ଦେଇ ପାଇପ୍ ଆସିଥିବା ଏବଂ ଷ୍ଟାଣ୍ଡପୋଷ୍ଟ ନାଳ ମଧ୍ୟରେ ସ୍ଥାପନ ହୋଇଥିବାରୁ ପାଣି ପିଇବା ବା ବ୍ୟବହାର କରିବା ପାଇଁ ଉଚିତ ମଣୁନାହାନ୍ତି ସାହି ବାସିନ୍ଦା। ନାଳ ମଧ୍ୟରେ ଷ୍ଟାଣ୍ଡପୋଷ୍ଟ ରହିଥିବା ଯୋଗୁଁ ପାଣି ନେବା ଉଚିତ ମନେ ହେଉନାହିଁ। ଏହା ସହ ଯଦି ଓ କୌଣସି କାରଣରୁ ବିଛାଯାଇଥିବା ପାଇପ୍ ଫାଟିଯାଏ ତେବେ ନାଳର ଦୂଷିତ ପାଣି ଏହି ଫଟା ପାଇପ୍ ଯୋଗେ ଆସିବା ସମ୍ଭାବନା ରହିଛି। ଏଥିଯୋଗୁଁ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସୃଷ୍ଟି ହେବ। କିପରି ଏହି ପାଣିକୁ ବ୍ୟବହାର କରିବୁ ବୋଲି ମହିଳାମାନେ କହିଛନ୍ତି। ଉକ୍ତ ସମସ୍ୟା ସହ ଆଲୋକୀକରଣ ବ୍ୟବସ୍ଥା ହୋଇନାହିଁ। ସନ୍ଧ୍ୟାରେ ବିଶେଷ କରି ମହିଳା, ଶିଶୁ ଓ ବୟସ୍କ ବ୍ୟକ୍ତି ଅନ୍ଧାରରେ ଯାତାୟାତ କରି ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାଗୁଡ଼ିକୁ ନେଇ ଗୋଷାଣି ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସୁଫଳ ମିଳି ନ ଥିବା ସାହିବାସିନ୍ଦା କହିଛନ୍ତି।

## ନିମ୍ନମାନର ରାସ୍ତା ନିର୍ମାଣକୁ ନେଇ ଅସନ୍ତୋଷ

# ଏସ୍‌ଡିଓ ଓ କନିଷ୍ଠ ଯନ୍ତ୍ରୀ ଅଟକ

**ନୂଆଗଡ଼, ୨୪।୩(ସମିସ)**

ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଯୋଗୁ ଏସ୍‌ଡିଓ ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ଅଟକ ରଖିଲେ ଅଞ୍ଚଳବାସୀ। ଉଚ୍ଚ ଅଧିକାରୀ ଆସି ଏହାର ପୁନର୍ନିର୍ମାଣ ଓ ଉନ୍ନତମାନର କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେବାକୁ ଅଞ୍ଚଳବାସୀ ଜିଦ୍ ଧରି ବସିଥିଲେ। ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ କେରେଡ଼ାଙ୍ଗ ଠାରୁ ଲୁହାସିଂ ଭାୟା ଅଲେଙ୍ଗୁର ଦେଇ କଣ୍ଟାବାଡ଼ ପର୍ଯ୍ୟନ୍ତ ୮କିମି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୩.୮୪ ଲକ୍ଷ ଟଙ୍କା ବିନିମୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଲୋକଙ୍କ କହିବା ପ୍ରକାରେ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରି ବାରମ୍ବାର ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କୁ ଅଭିଯୋଗ କରୁଥିଲେ ମଧ୍ୟ ଠିକାଦାର ମନମୁତାବକ ରାସ୍ତା କାମ କରୁଥିଲେ। କିନ୍ତୁ ଶନିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ନିର୍ମାଣାଧୀନ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଏସ୍‌ଡିଓ ରାମଚନ୍ଦ୍ର ବେହେରା ଏବଂ କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ପୃଷ୍ଟି ପହଞ୍ଚି ରାସ୍ତା କାମର ତର୍ଜମା କରୁଥିଲେ। ସେତିକିବେଳେ ସ୍ଥାନୀୟ ଲୋକେ ରାସ୍ତା କାର୍ଯ୍ୟ ନିମ୍ନମାନର କରାଯାଇଛି। ତେଣୁ ତୁରନ୍ତ ରାସ୍ତାର ପୁନର୍ନିର୍ମାଣ ଓ ଉନ୍ନତମାନର କରାଯିବାକୁ ନେଇ ଏସ୍‌ଡିଓ ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ଅଟକ ରଖିଥିଲେ। ଖବର ପାଇ ରା.ଉଦୟଗିରି ପୁଲିସ, ବିଭାଗୀୟ କର୍ମଚାରୀ ଏବଂ ଠିକାଦାର ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଠିକାଦାର ଏବଂ ବିଭାଗୀୟ କର୍ମଚାରୀ ନିର୍ମାଣ କାମ ଉନ୍ନତମାନର କରାଯିବ ବୋଲି ଲିଖିତ ଆକାରରେ ଅଞ୍ଚଳବାସୀଙ୍କୁ ଦେଇଥିଲେ। ଦୁଇ ଅଧିକାରୀଙ୍କୁ ଦିନ ତମାମ ଅଟକ ରଖି ରାତି ୮ଟା ବେଳେ ଲୋକେ ଛାଡ଼ିଥିଲେ।



■ ଆସୁଛି ଦଣ୍ଡଯାତ୍ରା

# ନାଟକ ପ୍ରସ୍ତୁତିରେ ମସ୍‌ଗୁଲ କଳାକାର



**ବୁଗୁଡ଼ା, ୨୪ ।୩(ସମିସ):** ଆଗକୁ ଆସୁଛି ଦଣ୍ଡଯାତ୍ରା । ମା' କାଳୀଙ୍କ ପୂଜାର୍ଚ୍ଚନା ସାଙ୍ଗକୁ କୃପା ଭିକ୍ଷା ଅପେକ୍ଷାରେ ଶ୍ରଦ୍ଧାଳୁ । ଏଥିପାଇଁ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମ୍ୟ କମିଟି ପକ୍ଷରୁ ଦଣ୍ଡୁଆଙ୍କୁ ନେଇ ଦଣ୍ଡଯାତ୍ରାର ପ୍ରସ୍ତୁତି ଚାଲିଛି । ଅନ୍ୟପକ୍ଷରେ ଲୋକଙ୍କ ମନୋରଞ୍ଜନ ପାଇଁ ରାତ୍ରିକାଳୀନ ମଞ୍ଚସ୍ଥ ନାଟକ ପାଇଁ କଳାକାରମାନେ ପ୍ରସ୍ତୁତିରେ ମସଗୁଲ ରହିଛନ୍ତି । ଏ ବର୍ଷ ବୁଗୁଡ଼ାରେ ସାମାଜିକ ନାଟକ 'କେତେ ଦୁଃଖ ଦେବୁ ଦେରେ କାଳିଆ', ଗୋଲିଆ ଓ ଭାମଶ୍ୟାଳି ଉଭୟରେ 'ଆସିଛି ଏକା ଯିବି ମୁଁ ଏକା', ପଙ୍କଲବାଡିରେ 'କହିବାକୁ ଅଛି କଥା ଅନେକ', ପୋଟାଲୁଣ୍ଡିରେ 'କହ୍ନେଇ ରାଜା ମୋ ବାଇଦ ବଜା', ତାଳସାକରରେ ପୌରାଣିକ ନାଟକ 'ବୀର ବେଲାଳସେନ', କାନନକୁଟୀରରେ ୨ଟି ପୌରାଣିକ ନାଟକ 'ରାମାୟଣ' ଓ 'ମହାଭାରତ', ଚିଲିଖମାରେ କାଳ୍ପନିକ ନାଟକ 'ଖସଡା ବାଟରେ ଅନ୍ଧ ବାଟୋଇ', ପାଣିକେଶରରେ କାଳ୍ପନିକ ନାଟକ 'ସୁଖ ସରିଗଲା ସ୍ୱର୍ଗଦ୍ୱାରରେ', ଆଶ୍ରମକରଡ଼ାବାଡ଼ି, ଡାକରାବାଡି ଓ ବଣପଲ୍ଲୀରେ 'ଭାରତଲୀଳା', ମରେଇପଲ୍ଲୀରେ ପୌରାଣିକ ନାଟକ 'ଭିନ୍ନ ଏକ କୁରୁକ୍ଷେତ୍ର', ଚିରିକିପଡ଼ାରେ 'ନବରଙ୍ଗ', ଭାବସରରେ 'ଶନି ଲକ୍ଷ୍ମୀ କଳି', ବକ୍ସିପଲ୍ଲୀରେ 'ସାତ ସୁରେ ବନ୍ଧା ଏ ଜୀବନ' ଆଦି ନାଟକ ପରିବେଷଣ ହେବାକୁ ଯାଉଥିବା ନେଇ ବିଭିନ୍ନ ଦଣ୍ଡନାଟ ଆୟୋଜକ କମିଟି ପକ୍ଷରୁ ପ୍ରକାଶ ପାଇଛି । ତେବେ ଏସବୁ ନାଟକ ପରିବେଷଣ କାଳରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ଅଗ୍ରାହ୍ୟ କରାଯିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ଦୋଳଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ



**ଗଞ୍ଜାମ, ୨୪ ।୩(ସମିସ):** ଗଞ୍ଜାମର ଐତିହାସିକ ଦୋଳଯାତ୍ରା ଅବସରରେ ସାହିଯାତ୍ରା ଶନିବାର ବିଳମ୍ବିତ ରାତ୍ରରେ ଆରମ୍ଭ ହୋଇ ରବିବାର ଶେଷ ହୋଇଛି । ରାତ୍ରରେ ମନ୍ଦିର ମାନଙ୍କରୁ ଠାକୁର ମାନଙ୍କୁ ମନ୍ଦିର ସମ୍ମୁଖରେରେ ସୁସଜ୍ଜିତ ବୀମାନରେ ଉପବେଶନ କରାଯିବା ପରେ ବିଭିନ୍ନ ସାହିରେ ପୃଥକ ପୃଥକ ଭାବେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରେ ମଧ୍ୟାହ୍ନ ସମୟରେ ସମନ୍ତରା ସାହିରେ ବିଭିନ୍ନ ସାହିର ଠାକୁରଙ୍କ ମହାମିଳନ ପରେ ବିରାଟ ଶୋଭାଯାତ୍ରାରେ ବଡ଼ ବଜାର ଯାତ୍ରା ସ୍ଥଳ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା । ସେଠାରେ ସ୍ଥାନ ଚୟନ ପରେ ଠାକୁର ମାନେ ନିଜ ନିଜ ସାହି ଅଭିମୁଖେ ଫେରିଥିଲେ । ରାତିରେ ବଡ଼ ବଜାର ଯାତ୍ରା ପାଇଁ ପୁଣି ସମସ୍ତ ଠାକୁର ବଜାର ଅଭିମୁଖେ ବିରାଟ ଶୋଭାଯାତ୍ରାରେ ପ୍ରସ୍ଥାନ ପରେ ବିଳମ୍ବିତ ରାତିରେ ବଡ଼ ବଜାର ଯାତ୍ରା ପରିବେଶଣ ହେବାର କାର୍ଯ୍ୟକ୍ରମ ରହିଛି ।

# ଆସିକା ବିଧାୟିକାଙ୍କ ଜନସମ୍ପର୍କ ପଦଯାତ୍ରା



**କବିସୂର୍ଯ୍ୟନଗର, ୨୪ ।୩(ସମିସ):** କବିସୂର୍ଯ୍ୟନଗର ବ୍ଲକ ସିଆଳିଆ ପଞ୍ଚାୟତ ସିଆଳିଆ ଗାଁରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ କର୍ମୀଙ୍କୁ ନେଇ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଘର ଘର ବୁଲି ଲୋକଙ୍କ ଦୁଃଖସୁଖ ବୁଝିବା ସହ ଆପଣାର କରିବା ଲାଗି ପ୍ରୟାସ କରିଥିଲେ । ଯେଉଁଥି ପାଇଁ ସେ ଆଜି ଚର୍ଚ୍ଚିତ ଓ ମା' ବୋଲି ସମସ୍ତେ ସମ୍ବୋଧନ କରନ୍ତି । ଉକ୍ତ ଜନସମ୍ପର୍କ ଯାତ୍ରାରେ ସିଆଳିଆ ସମିତି ସଭ୍ୟ କନ୍ତୁପାଣି ନାହାକ, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ, ଯୁବନେତା ବ୍ରଜସୁନ୍ଦର ମଲ୍ଲିକ, ଜିଲ୍ଲା ଜୋନ୍ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ସ୍ୱାଇଁ, ପ୍ରାକ୍ତନ ସିଆଳିଆ ସରପଞ୍ଚ ରତନ ନାହାକ, ପ୍ରାକ୍ତନ ସମିତି ସଭ୍ୟ ସୁଶାନ୍ତ ନାହାକ ପ୍ରମୁଖଙ୍କ ସହ ବହୁ ପ୍ରମୁଖ ବିଜେଡି ନେତା, ଗ୍ରାମବାସୀ ସାମିଲ ହୋଇଥିଲେ ।

ହୋଲି ପାଇଁ ଉତ୍ସବର ମାହୋଲ

# ଦୋକାନରେ ରଙ୍ଗର ପସରା



**ଭଞ୍ଜନଗର,୨୪ ।୩(ସମିସ):** ରାତି ପାହିଲେ ରଙ୍ଗର ପର୍ବ ହୋଲି । ବର୍ଷକରେ ଥରେ ଏହି ପର୍ବକୁ ନେଇ ପିଲାଙ୍କ ଠାରୁ ବୟସ୍କ ଉଭୟ ପୁରୁଷ ଓ ମହିଳା ସମସ୍ତେ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି । ଏହାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ମଧ୍ୟ ଭଳି କି ଭଳି ରଙ୍ଗ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଉପକରଣରେ ନିଜ ବ୍ୟବସାୟ ପ୍ରତିଷ୍ଠାନକୁ ସଜେଇ ସାରିଲେଣି । ଭଞ୍ଜନଗର ଓ ଏହାର ଆଖପାଖ ଅଞ୍ଚଳରେ ସବୁଠି ରଙ୍ଗର ପସରା । ଗଳିକନ୍ଦିରେ ମଧ୍ୟ ଖୋଲିଛି ଅନେକ ଛୋଟ ବଡ଼ ଦୋକାନ । ହୋଲିକୁ କିଏ କେମିତି ପାଳନ କରିବେ ତାକୁ ନେଇ ପ୍ରସ୍ତୁତି ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ବଜାରରେ ବିଭିନ୍ନ ରଙ୍ଗ ବେରଙ୍ଗର ଅବିର ସାଙ୍ଗକୁ ବିଭିନ୍ନ ସେଲିବ୍ରିଟି ଓ ଖେଳାଳିଙ୍କ ମୁଖା, ବିଭିନ୍ନ ପ୍ରକାର ପୋଷାକ, ଟୋପି, ଚଷମା ଏବଂ ପିଚକାରୀ ବିକ୍ରି ହେଉଛି । ଏଥର ହୋଲିରେ ଭଲ ବ୍ୟବସାୟ ହେବ ବୋଲି ବ୍ୟବସାୟୀମାନେ ଆଶା ରଖିଛନ୍ତି । ଆଗକୁ ନିର୍ବାଚନ ଥିବାବେଳେ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀମାନେ ହୋଲି ଅବସରରେ ସମସ୍ତଙ୍କୁ ଭେଟି ରଙ୍ଗ ଲଗାଇ ଶୁଭେଚ୍ଛା ଜଣେଇବା ସହ ଭାବର ଆଦାନ ପ୍ରଦାନ ପାଇଁ ସୁଯୋଗ ପାଇଛନ୍ତି । ତେବେ ରାସାୟନିକ ରଙ୍ଗରେ ହୋଲି ଖେଳିଲେ ଶରୀରରେ ବିଭିନ୍ନ ପ୍ରକାରର ଚର୍ମରୋଗ ହେବାର ସମ୍ଭାବନା ରହିଛି । ତେଣୁ ଏହି ପର୍ବକୁ ଶାନ୍ତି ଶୃଙ୍ଖଳାର ସହ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ଗତ କିଛି ବର୍ଷ ହେବ ହୋଲିରେ ରାସାୟନିକ ରଙ୍ଗ ବ୍ୟବହାର ନକରିବା ଓ ଆଖିରେ ରଙ୍ଗ ନ ମାରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ଅଧିକ ପାରିମାଣରେ ଆଣିଛନ୍ତି ବ୍ୟବସାୟୀ । ଭଞ୍ଜନଗର ସହରର ମେନ ରୋଡ୍, ରେଡକ୍ରସ ରୋଡ୍, ପୁରୁଣା ବଜାର ସାହି, ଭେଜିପୁଟ, ଲଣ୍ଡେଇ ସାହି ଓ ବାଉଁଶଲୁଣ୍ଡିରେ ଏକାଧିକ ରଙ୍ଗ ଦୋକାନ ଖୋଲିଛି । ପୂର୍ବରୁ ଭଞ୍ଜନଗର ସହରର ବିଭିନ୍ନ ସାହିର ଯୁବଗୋଷ୍ଠୀ ଏକାଠି ହୋଇ ନାଚଗୀତ ମାଧ୍ୟମରେ ଶୋଭାଯାତ୍ରାରେ ସହର ସାରା ବୁଲି ପରସ୍ପରକୁ ରଙ୍ଗ ଲଗାଇ ଭାଇଚାରା ସୃଷ୍ଟି କରୁଥିଲେ । ହେଲେ ବର୍ତ୍ତମାନ ସେସବୁ ଆଉ ବିଶେଷ ଦେଖିବାକୁ ମିଳୁନି । ଏବେ କେବଳ ପୁରୁଷ, ମହିଳା, ଯୁବକ ଯୁବତୀ ଓ ପିଲାମାନେ ନିଜ ସାଙ୍ଗସାଥୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ସୀମିତ ଥିବା ଦେଖାଯାଇଛି ।

# ଭଙ୍ଗା ଚେକ୍‌ଡ୍ୟାମ୍ ଯୋଗୁଁ ବଢୁଛି ଚାଷୀ ଅସନ୍ତୋଷ



**ଧରାକୋଟ, ୨୪ ।୩(ସମିସ):** କୃଷି ଓ କୃଷକର ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥିପାଇଁ ରାଜକୋଷରୁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା । ଲକ୍ଷ୍ୟ ରହିଛି କୃଷି ଓ କୃଷକର ଆର୍ଥିକ ମାନଦଣ୍ଡର ବିକାଶ କରିବା । ହେଲେ କୃଷି କାର୍ଯ୍ୟ ପାଇଁ ଜଳସେଚନର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସରକାର କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ବିଭିନ୍ନ ନାଳ ଓ ନଦୀ ଉପରେ ଚେକ ଡେମ ନିର୍ମାଣ କରି ଚାଷୀଙ୍କୁ ପାଣି ଯୋଗାଇ ଦେଉଛନ୍ତି । ଏହି କ୍ରମରେ ଧରାକୋଟ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ଓଳମ୍ବା ଗାଁର ଉପର ମୁଣ୍ଡରେ ଆଗୁଳ ନାଳ ଉପରେ ଏକ ଚେକ ଡ୍ୟାମ ୧୦ ବର୍ଷ ପୂର୍ବେ ନିର୍ମାଣ କରାଯାଇଥିଲା । ଏହି ଚେକ ଡ୍ୟାମ ଦ୍ୱାରା ଉଭୟ ଓଳମ୍ବା ଓ ରୁଗୁମୁ ପଞ୍ଚାୟତର ପ୍ରାୟ ଶହେ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଥିଲା । ଚାଷୀମାନେ ବର୍ଷରେ ରବି ଓ ଖରିଫ ଫସଲ ସହ ବିଭିନ୍ନ ପରିବା ଚାଷ ବେଶ ସୁରୁଖୁରୁରେ କରିପାରୁଥିଲେ । ଫଳରେ ଆର୍ଥିକ ଦୃଷ୍ଟିରୁ ଲାଭବାନ ହେଉଥିଲେ । କିନ୍ତୁ ବିଭାଗ ତରଫରୁ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରା ନଯିବାରୁ ଚେକ ଡ୍ୟାମଟି ବର୍ତ୍ତମାନ ଧୀରେ ଧୀରେ ଭାଙ୍ଗିଯିବା ସହ ଏଥିରେ ପାଣି ନରହି ତଳ ପଟକୁ ବହିଯାଉଛି । ଯାହା ଫଳରେ ଜମିକୁ ଜଳ ସେଚନ ହୋଇପାରୁନାହିଁ । ଏନେଇ ବାରମ୍ବାର ବିଭାଗ ନିକଟରେ ଚାଷୀ ଅଭିଯୋଗ କରିଥିଲେ ମଧ୍ୟ ଏହାର ପୁନଃ ନିର୍ମାଣ କରାଯାଉନାହିଁ । ଏଣୁ ଚାଷୀକୁଳ ଏବେ ଦୋଛକିରେ ରହିଛନ୍ତି । ତେବେ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ଏହାର ପୁନଃ ନିର୍ମାଣ ପାଇଁ ଦାବି ହେଉଛି ।

# ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**କୋଦଳା, ୨୪ ।୩(ସମିସ):** ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ସାଙ୍କୁଡ଼ା ପଞ୍ଚାୟତରେ ରବିବାର ବିଜୁ ଜନତା ଦଳର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗଦେଇ ପ୍ରଥମେ ସାଙ୍କୁଡ଼ା ସ୍ଥିତ ଧବଳେଶ୍ୱର ମହାପ୍ରଭୁଙ୍କ ଠାରେ ପୂଜାର୍ଚ୍ଚନା କରି ଅଞ୍ଚଳର ଉନ୍ନତି ଓ ଜନସାଧାରଣଙ୍କ ସୁଖ କାମନା କରିଥିଲେ । ଏଥିରେ ବ୍ଲକ ବିଜେଡି ସଭାପତି ସୀମାଞ୍ଚଳ ସାମଲ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼, ଆତ୍ମା ଅଧ୍ୟକ୍ଷ ବିଜୟ ପ୍ରଧାନ, ସମବାୟ ନିର୍ଦ୍ଦେଶକ ହୃଷୀକେଶ ମେହେଣା, ସ୍ଥାନୀୟ ସରପଞ୍ଚ ସୁଷମା ତିଆଡ଼ି, ସମିତି ସଭ୍ୟା ଜୟନ୍ତୀ ସ୍ୱାଇଁ, ବରିଷ୍ଠ ନେତା ସୁରେନ୍ଦ୍ର ନାଥ ତିଆଡ଼ିଙ୍କ ସମେତ ବହୁ ଜନପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

# ଫସଲ ନଷ୍ଟକଲେ ହାତୀପଲ

**ବୁଗୁଡା, ୨୪ ।୩(ସମିସ):** ଦକ୍ଷିଣ ଘୁମୁସର ବନଖଣ୍ଡ ଅଧୀନସ୍ଥ ବୁଗୁଡ଼ା ବନାଞ୍ଚଳ ଇଲାକାରେ ସାତ ଟିକିଆ ହାତୀପଲର ଉପଦ୍ରବ ଯୋଗୁଁ ବ୍ୟାପକ ଫସଲ ହାନି ଘଟିଛି । ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ପ୍ରକାଶ ଯେ ଶନିବାର ବିଳମ୍ବିତ ରାତ୍ରରେ ସଙ୍କୁରୁ ପଞ୍ଚାୟତର ଚକାବଟ, ଚିଲିଖମା ଓ ଭାଲୁଆସାହି ଗ୍ରାମାଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି । ହାତୀପଲ ଚାଷୀଙ୍କ କଦଳୀ ବଗିଚାରେ ପଶି ଖାଇବା ସହ ଭଙ୍ଗାରୁଜା କରିଛନ୍ତି । ଚକାବଟ ଅଞ୍ଚଳର ଚାଷୀଙ୍କ ମରିଚ ଓ ବାଇଗଣ ଫସଲ ନଷ୍ଟ କରିଛନ୍ତି । ଏଥି ସହ ଚାଷୀ ଭାବଗ୍ରାହୀ ମହାନ୍ତିଙ୍କ ଫାର୍ମ ହାଉସରେ ସେହି ସାତ ଟିକିଆ ହାତୀପଲ ପଶି ପୋଟଳ ଓ ତୋରଡା ଆଦି ପରିବା ଫସଲ ଖାଇବା ସହ ଦଳାଚକଟା କରି ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି । ସେହି ଅଞ୍ଚଳରେ ପ୍ରତିଦିନ ବାର୍‌ହା ଉପଦ୍ରବ ଲାଗିରହିଥିବା ବେଳେ ଏବେ ବଣୁଆ ହାତୀପଲର ଉପଦ୍ରବ ଚାଷୀଙ୍କ ପାଇଁ ଏବେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି । ବର୍ତ୍ତମାନ ବୁଗୁଡ଼ା ବନ ବିଭାଗ କର୍ମଚାରୀମାନେ ଚାଷୀଙ୍କ ପାଖରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିବାବେଳେ ହାତୀପଲର ଗତିବିଧି ଉପରେ ନଜର ରଖାଯାଇଥିବା ନେଇ ବନ ବିଭାଗ ପକ୍ଷରୁ କୁହାଯାଇଛି ।



■ ଗ୍ୟାସ୍ ସିଲିଣ୍ଡରରୁ ନିଆଁ

# ଦୁଇ ପରିବାର ସର୍ବସ୍ୱାନ୍ତ; ଜଣେ ଆହତ

**ଦିଗପହଣ୍ଡି, ୨୪ ।୩(ସମିସ):** ଦିଗପହଣ୍ଡି ବ୍ଲକ ବଡ଼ଡୁମ୍ବୁଳା ପଞ୍ଚାୟତ ଅନ୍ତର୍ଗତ ସାନଡୁମ୍ବୁଳା ଗ୍ରାମର ବଡ଼ସାହିରେ ରବିବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ଦୁଇ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି । କ୍ଷତିଗ୍ରସ୍ତ ଦୁଇ ପରିବାର ହେଲେ ଜେ. କନ୍ୟାଁ ପାତ୍ର ଓ ଜେ. କାମା ପାତ୍ର । ଏଥିସହ ଜେ. ଡିଲେସୁ ପାତ୍ରଙ୍କ ଗୋଟିଏ ବଖରା ପୋଡ଼ି ଯାଇଥିବାବେଳେ କନ୍ୟାଁଙ୍କ ପୁଅ ଜେ. ବୁଲୁ ପାତ୍ର ଅଗ୍ନି ସଂସ୍ପର୍ଶରେ ଆସି ସାମାନ୍ୟ ଆହତ ହୋଇଛନ୍ତି । ତେବେ ଆମ୍ବୁଲାନ୍ସ ଯୋଗେ ଆହତ ବୁଲୁଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ରବିବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ବୁଲୁ ଘରେ ନୂତନ ଗ୍ୟାସ ସଂଯୋଗ କରି ନିଆଁ ଲଗାଇଥିଲେ । ଏହି ସମୟରେ ଗ୍ୟାସ ଲିକ୍ ହେବା ସହ ଘର ସାରା ନିଆଁ ବ୍ୟାପୀ ଯାଇଥିଲା । ଚାହୁଁ ଚାହୁଁ ୩ ଘର ଏକାସାଙ୍ଗରେ ଜଳି ଯାଇଥିଲା । ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡରେ ବହୁ ମୂଲ୍ୟବାନ ଆସବାସ ପତ୍ର ପୋଡ଼ି ପାଉଁଶ ହୋଇଯାଇଛି ।

# ସାହିତ୍ୟ ସଂକଳନ ରବିପ୍ରଭା ଉନ୍ମୋଚିତ

**କବିସୂର୍ଯ୍ୟନଗର,୨୪ ।୩(ସମିସ):** କବିସୂର୍ଯ୍ୟନଗର ବନଦେବୀ ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ସାମୟିକ ସାହିତ୍ୟ ସଂକଳନ ରବିପ୍ରଭା ଉନ୍ମୋଚନ ଉତ୍ସବ ଓ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । କବିସୂର୍ଯ୍ୟ ପ୍ରତିଭା ପରିଷଦର ସଭାପତି ବି. ଚିରଞ୍ଜିବି ପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ସେବାବିରତ ସ୍ୱର୍ଣ୍ଣପଦକ କୃଷି ବିଜ୍ଞାନୀ ଡ଼. ବିପ୍ରଚରଣ ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ମୁଖ୍ୟ ବକ୍ତା ଖଲ୍ଲିକୋଟ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼. ବିଦ୍ୟୁତ ପ୍ରଭା ସାହୁ, ସମ୍ମାନିତ ଅତିଥି ସାହିତ୍ୟିକ ମୁରଲୀଧର ନନ୍ଦ, ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ମହାସଚିବ ଦଣ୍ଡପାଣି ମହାପାତ୍ର, ବିଶିଷ୍ଟ ସମାଜସେବୀ ଇ. ମାହେଶ୍ୱରୀ ଦୋରା, ଶିକ୍ଷାବିତ ରାମନାଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।



ଉକ୍ତ ପ୍ରଥମ ଅଧିବେଶନରେ କବିସୂର୍ଯ୍ୟ ପ୍ରତିଭା ପରିଷଦ ଦ୍ୱାରା ପ୍ରସ୍ତୁତ ସାମୟିକ ସାହିତ୍ୟ ସଂକଳନ 'ରବିପ୍ରଭା' ପୁସ୍ତକ ଉନ୍ମୋଚନ ହୋଇଥିଲା । କବିସୂର୍ଯ୍ୟନଗର ଡ଼. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପିକା ସୌଭାଗ୍ୟ ମଞ୍ଜରୀ ନାଥଙ୍କ ଦ୍ୱାରା ରଚିତ କବିତା ଗ୍ରନ୍ଥ 'ବିକ୍ଷିପ୍ତ କବିତା -୧ମ' ଉନ୍ମୋଚନ ହୋଇଥିଲା । ସମ୍ବର୍ଦ୍ଧିତ ପ୍ରତିଭା ମଧ୍ୟରେ ବାସୁଦେବ ମହାପାତ୍ର ସ୍ମୃତି ସମ୍ମାନ -୨୦୨୪ ବି. ଚିରଞ୍ଜିବି ପାତ୍ରଙ୍କୁ ଓ ସରୋଜିନୀ ପାତ୍ର ସ୍ମୃତି ସମ୍ମାନ -୨୦୨୪ ବିପିନ ବିହାରୀ ଶତପଥୀଙ୍କୁ ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ଅଧିବେଶନ ଅପରାହ୍ନରେ ହିଞ୍ଜିଳି ସ୍କୁଲର ପ୍ରଧାନ ଶିକ୍ଷକ ହରିହର ଚୌଧୁରୀ ଅଧ୍ୟକ୍ଷତା କରିଥିବା ବେଳେ ସଂଯୋଜନା କରିଥିଲେ ପଞ୍ଚାନନ ନାହାକ ଓ ଦିବ୍ୟାନି ମାର୍ଥା । ବିଭିନ୍ନ ପ୍ରାନ୍ତରୁ ଆସିଥିବା କବିଙ୍କ ଦ୍ୱାରା କବିତା ଆବୃତ୍ତି ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଦଣ୍ଡପାଣି ମିଶ୍ର, ନିରଞ୍ଜନ ମହାପାତ୍ର, ଦୀନବନ୍ଧୁ ରଥ, ସୁବାସ ଚନ୍ଦ୍ର ତ୍ରିପାଠୀ, ଭାସ୍କର ଚନ୍ଦ୍ର ରଥ, ବିଶ୍ୱନାଥ ସ୍ୱାଇଁ, ମହେଶ୍ୱରୀ ଦଳାଇ, ଉତ୍ତମ ରଥ ଓ ବ୍ରହ୍ମାନନ୍ଦ ଆଚାରୀ ସହଯୋଗ କରିଥିଲେ ।

# ଗଞ୍ଜାମ ବ୍ଲକ୍‌ରେ ମାଲମାଲ ନକଲି ଡାକ୍ତର

## ବିପଦରେ ରୋଗୀଙ୍କ ଜୀବନ

**ହୁମ୍ମା, ୨୪ ।୩(ସମିସ):** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା ଉପରେ ସର୍ବାଧିକ ଗୁରୁତ୍ୱ ଦେବା ସହ ସଠିକ୍ ଏବଂ ଉତ୍ତମ ସେବା କିପରି ରୋଗୀ ମାନେ ପାଇପାରିବେ, ସେନେଇ ବହୁ ଯୋଜନା କରୁଛନ୍ତି । କିନ୍ତୁ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଗ୍ରାମାଞ୍ଚଳରେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି । ଗଞ୍ଜାମ ଜିଲ୍ଲାର ରମ୍ଭା ଥାନା ଅଞ୍ଚଳର ଗ୍ରାମାଞ୍ଚଳ ଗୁଡ଼ିକରେ କିଛି ନକଲି ଡାକ୍ତର କ୍ଲିନିକ୍ ଖୋଲି ରୋଗୀମାନଙ୍କୁ ଚିକିତ୍ସା ବାହାନାରେ ଶୋଷଣ କରିବାରେ ଲାଗିଛନ୍ତି । ଏହି ନକଲି ଡାକ୍ତରମାନେ ସରକାରୀ ନିୟମ ଓ ନୀତିର ଖୋଲାଖୋଲି ଉଲ୍ଲଂଘନ କରିବାରେ ଲାଗିଛନ୍ତି । ଗ୍ରାମାଞ୍ଚଳ ଗୁଡ଼ିକରେ କିଛି ବ୍ୟକ୍ତି କିନ୍ଲିକ୍ କରି ଏମବିବିଏସ ଡିଗ୍ରୀଧାରୀ ନହୋଇ ମଧ୍ୟ ନିଜ କ୍ଲିନିକ ବା ଘର ଆଗରେ ଏମବିବିଏସର ସାଇନ ବୋର୍ଡ ଲଗାଇ ଗରିବ ଓ ନିରକ୍ଷର ରୋଗୀଙ୍କ ଠାରୁ ପ୍ରଚୁର ପରିମାଣରେ ବେଆଇନ ଭାବେ ଅର୍ଥ ଆଦାୟ କରୁଛନ୍ତି । ଏହି ନକଲି ଡିଗ୍ରୀଧାରୀ ଡାକ୍ତରମାନେ ପଡ଼ୋଶୀ ପଶ୍ଚିମବଙ୍ଗ ଏବଂ ଆନ୍ଧ୍ରପ୍ରଦେଶ ରାଜ୍ୟର କିଛି ଅନାମଧେୟ ସଂସ୍ଥାରୁ ଜାଲ୍ ପ୍ରମାଣପତ୍ର ଆଣି ନିଜକୁ ଜଣେ ବିଜ୍ଞ ଚିକିତ୍ସକ ଭାବେ ଘର ବା କ୍ଲିନିକ୍ ସମ୍ମୁଖରେ ସାଇନବୋର୍ଡର ଲଗାଇ ରୋଗୀଙ୍କ ଠାରୁ ଶୋଷଣ କରୁଥିବା ନେଇ ଚର୍ଚ୍ଚା ଜୋର ଧରିଛି । ଅନ୍ୟ ଏକ ଚିନ୍ତାଜନକ ବିଷୟ ହେଲା ଉକ୍ତ କ୍ଲିନିକ୍‌ଗୁଡ଼ିକରେ ଅବୈଧ ଗର୍ଭପାତ କରାଯାଉଛି । ରାଜ୍ୟ ସରକାରଙ୍କ କଡ଼ା ନିୟମ ରହିଛି ଅବୈଧ ଗର୍ଭପାତ ଏକ ଦଣ୍ଡନୀୟ ଅପରାଧ । ମାତ୍ର ଅର୍ଥ ଲୋଭରେ ନକଲି ଡାକ୍ତରମାନେ ଏଭଳି ହୀନ ଏବଂ କୁତ୍ସିତ କାର୍ଯ୍ୟ କରିବାକୁ ପଛାଉନାହାନ୍ତି । ସମ୍ପୃକ୍ତ ନକଲି ଡାକ୍ତରମାନେ ନିଜ କ୍ଲିନିକ୍ ନିକଟରେ ଥିବା ରୋଗ ନିଦାନ କେନ୍ଦ୍ର ଓ ଔଷଧ ଦୋକାନୀମାନଙ୍କୁ ହାତ ବାରିସି କରି ଲାଭବାନ ହେଉଥିବା ମଧ୍ୟ ଚର୍ଚ୍ଚା ଜୋର ଧରିଛି । ରମ୍ଭା, ପାଲୁରଗଡ଼, ହୁମ୍ମା, ହୁମ୍ମା-ପୁରୁଷୋତ୍ତମପୁର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଗ୍ରାମଗୁଡିକରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁଁ ଏହାର ଫାଇଦା ନକଲି ଡାକ୍ତରମାନେ ଉଠାଉଥିବା ଜଣାପଡ଼ିଛି । ଗତ ୩ ବର୍ଷ ପୂର୍ବରୁ ଝାରେଡ଼ି ରାଧାଗୋବିନ୍ଦପୁର ଗ୍ରାମରେ ଏକ ଡାକ୍ତରଙ୍କ ଇଞ୍ଜେକସନ ପ୍ରଭାବରୁ ରୋଗୀଙ୍କ ତତ୍କାଳ ମୃତ୍ୟୁ ଘଟିଥିବା ରମ୍ଭା ଥାନାରେ ଅଭିଯୋଗ ହୋଇଥିଲା । ଏଭଳି ସ୍ଥିତିରେ ପ୍ରଶାସନିକ ଅଧିକାରୀମାନେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ତେବେ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଆରକ୍ଷୀ ଅଧୀକ୍ଷକ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଖଲ୍ଲିକୋଟ ବ୍ଲକ୍‌ରେ ଦଣ୍ଡଯାତ୍ରା ଆରମ୍ଭ

**ଖଲ୍ଲିକୋଟ,୨୪ ।୩(ସମିସ):** ଖଲ୍ଲିକୋଟ ବ୍ଲକରେ ରବିବାରଠାରୁ ଆରମ୍ଭ ହୋଇଛି ଚଳିତ ବର୍ଷର ଦଣ୍ଡ ଯାତ୍ରା । ଆଜି ଲଙ୍ଗଳେଶ୍ୱର ଦଣ୍ଡର ଶୁଭାରମ୍ଭ ହୋଇଥିବା ବେଳେ ଆସନ୍ତାକାଲି ପଥରା ଦଣ୍ଡ ବାହାରିବ ବୋଲି ଜଣାପଡ଼ିଛି । ଚଳିତ ବର୍ଷ ଦୋଳ ପୂର୍ଣ୍ଣିମା ଆଗରୁ ବାହାରିଛି ଗଞ୍ଜାମର ପାରମ୍ପରିକ ଦଣ୍ଡନାଚ । ଦୋଳ ଠାକୁର ଓ ଦଣ୍ଡକାଳୀଙ୍କ ହୋଇଛି ଭେଟଘାଟ । ଦଣ୍ଡ ଯାତ୍ରା ଗଞ୍ଜାମର ବିଭିନ୍ନ ଜାଗାରେ ହେଉଥିବା ବେଳେ କେଉଁଠାରେ ୨୧ ଦିନ ତ କେଉଁଠାରେ ୧୮ ଦିନ ତ ଆଉ କେଉଁଠାରେ ୧୩ ଦିନ ପାଳନ କରାଯାଇଥାଏ । କିନ୍ତୁ ଏହାର ଶେଷ ମେଷ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରେ ଶେଷ ହୋଇଥାଏ । ଏହି ଦଣ୍ଡ ଯାତ୍ରାରେ ଦଣ୍ଡକାଳି ବିଭିନ୍ନ ଗ୍ରାମକୁ ଭ୍ରମଣ କରି ପୂଜା ପାଉଥିବା ବେଳେ ଗୋଟିଏ ଗ୍ରାମରେ ଗୋଟିଏ ଦିନ ରହିଥାନ୍ତି ଠାକୁର । ସେହି ଗାଁରେ ସେହି ଦିନ ଠାକୁର ରହିବା ସମୟରେ ମାନସିକଧାରୀ ଦଣ୍ଡୁଆମାନେ ଧୂଳି ଦଣ୍ଡ, ପାଣି ଦଣ୍ଡ, ଅଗ୍ନି ଦଣ୍ଡ ଓ ରାତ୍ର ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥାଏ । ଗଞ୍ଜାମର ଏହି ପ୍ରସିଦ୍ଧ ପାରମ୍ପରିକ ଦଣ୍ଡ ନାଚ ଗଞ୍ଜାମ ଗାଁ ଗହଳିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଥିବା ବେଳେ ପ୍ରତିବର୍ଷ ଏହି ଯାତ୍ରା ଗଞ୍ଜାମ ଜିଲ୍ଲାକୁ ଚଳଚଞ୍ଚଳ କରିଥାଏ ।



# ଶାସିପଦର ସିମୁଳି ସାହିବାସୀଙ୍କୁ ଚୁଆ ପାଣି ଭରସା






**ଫିରିଙ୍ଗିଆ, ୨୪।୩(ସମିସ)**

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାଶିନୀପଦର ପଞ୍ଚାୟତର ଶାସିପଦର ଗାଁ ସିମୁଳିସାହିବାସୀ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଗୋପୀଙ୍ଗିଆ ଡ୍ୟାମ୍ ତଳେ ଥିବା ବିଲ ନିକଟ ଚୂଆ ପାଣି ସେମାନଙ୍କ ଭରସା ହୋଇଛି। ଖରା ହେଉ କି ବର୍ଷା ବର୍ଷତମାମ ସେମାନେ ଚୂଆ ପାଣି ବ୍ୟବହାର କରୁଛନ୍ତି। ପାଣି ସମସ୍ୟା ସମ୍ପର୍କରେ ଦୀର୍ଘ ବର୍ଷ ହେବ ସିମୁଳିସାହି ବାସିନ୍ଦା ପାଣି ସମସ୍ୟାକୁ ନେଇ ପଞ୍ଚାୟତଠାରୁ ଜିଲ୍ଲାପାଳଙ୍କ ଜନଶୁଣାଣି, ବିଡିଓ, ଜଳ ଯୋଗାଣ ଅଧିକାରୀଙ୍କୁ ଜଣାଇଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଲିଖିତ ଭାବରେ ପାଣି ସମସ୍ୟା ନେଇ ଜଣାଇଥିଲେ। କିନ୍ତୁ ସମସ୍ୟାର ସମାଧାନ ହୋଇନାହିଁ। ଗାଁରେ ଗୋଟିଏ ନଳ କୂପ ଅଛି। ହେଲେ ୨ ବାଲ୍‌ଟିରୁ ଅଧିକ ପାଣି ବାହାରୁ ନଥିବା ବେଳେ ଗୋଳି ପାଣି ସହ ଭିତରୁ ଚେକା ଚେକା ହୋଇ ମଇଳା ବାହାରିବା ଯୋଗୁଁ ତାହା ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। କୂଅ କି ଅନ୍ୟାନ୍ୟ ବ୍ୟବସ୍ଥା ନ ଥିବା ବେଳେ କାଗଜ କଲମରେ ୩ଟି ନଳକୂପ ଓ ୩ଟି କୂପ ଥିବା ଦର୍ଶାଯାଇଛି। ବସୁଧା ଯୋଜନାରେ ବରେବାଟା ନାଳଠାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। କିନ୍ତୁ ଏଥିରୁ ଏହି ଗାଁକୁ ପାଣି ଆରମ୍ଭରୁ ଯାଇ ନ ଥିବା ଜଣାଯାଇଛି। ବର୍ତ୍ତମାନ ଲୋକେ ପ୍ରାୟ ଅଧା କିଲୋମିଟର ଦୂରରେ ଥିବା ଚୂଆ ପାଣି ଉପରେ ଭରସା କରି ଚଳୁଛନ୍ତି। ପାଣି ସମସ୍ୟାର ସମାଧାନ ନହେଲେ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ସମାଜସେବୀ ସୁନସିର ଦିଗାଲ, କେଶବ ଦିଗାଲ, ବିନୋଦ ଦିଗାଲ, ରାସପତି ଦିଗାଲ, ଦୁଃଶାସନ ଦିଗାଲ, କରମସିଂ ଦିଗାଲ, ଲିଲି ଦିଗାଲ, ନମିତା ଦିଗାଲ, ଅନିତା ଦିଗାଲ, ଝିଲି ଦିଗାଲ, ସସ୍ମିତା ଦିଗାଲ, ପ୍ରିୟା ଦିଗାଲ ଓ ଅନ୍ୟମାନେ କହିଛନ୍ତି। ସିମୁଳିସାହିରେ ତିରିଶ ପରିବାରର ୧୫୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ଲୋକଙ୍କ ପାନୀୟ ଜଳ ସମସ୍ୟା ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଜି.ଦେବହରି ପ୍ରଧାନଙ୍କୁ ପଚାରିବାରୁ ଏହି ଗାଁରେ ପାଣି ସମସ୍ୟା ରହିଛି। ୨ ଦିନ ଭିତରେ ପାଣି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଗୋପାଳପୁରରେ ସଶକ୍ତ ହେଉଛି ବିଜେଡି

**ବ୍ରହ୍ମପୁର, ୨୪।୩(ସମିସ):** ଗୋପାଳପୁର ନର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ସଶକ୍ତ ହେଉଛି। ରବିବାର ସନ୍ଧ୍ୟାରେ ବହୁ ବିଜେପି ଓ କଂଗ୍ରେସ କର୍ମୀ ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି। ଏନେଇ ଗଜପତିନଗରସ୍ଥିତ ବ୍ରହ୍ମପୁର ବିଧାୟକଙ୍କ ବାସଭବନ ପରିସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଗୋପାଳପୁର ଦାୟିତ୍ୱରେ ଥିବା ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ବିକ୍ରମ କୁମାର ପଣ୍ଡା ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଓ ଓଡ଼ିଶାର ଦ୍ରୁତ ବିକାଶକୁ ଆଖି ଆଗରେ ରଖି ଗୋପାଳପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୦ ନମ୍ବର ଜୋନ୍‌ର ଲୋଚାପଡ଼ା ଓ ଯୋଗିଆପଲ୍ଲୀ ଅଞ୍ଚଳର ୪୦ରୁ ଉର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଭାରତୀ ନାୟକ, ପୂର୍ବତନ କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ ଦିଲୀପ କୁମାର ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶୂନ୍ୟଚନ୍ଦ୍ର ଦାସ, ପୂର୍ବତନ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, କୁକୁଡ଼ାଖଣ୍ଡି ବ୍ଲକ ଯୁବ ବିଜେଡି ସଭାପତି ସୂରଜ ମହାପାତ୍ର, ଛାତ୍ର ବିଜେଡି ସଭାପତି ପ୍ରଶାନ୍ତ କୁମାର ସାହୁ, ବିସିସି ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ବରିଷ୍ଠ ବିଜେଡି ନେତା ବଳରାମ ପାତ୍ର, ସନ୍ତୋଷ ପାତ୍ର, ଲୋଚାପଡ଼ା ପଞ୍ଚାୟତ ବିଜେଡି ସଭାପତି ସନ୍ତୋଷ କୁମାର ସାହୁଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ।



# ଏରୋନଟିକ୍ସ ଡିଏଭି ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ କର୍ମଶାଳା



**ସୁନାବେଡ଼ା,୨୪।୩(ସମିସ):** ସୁନାବେଡ଼ା ମିଗ୍ ନଗରୀ ସ୍ଥିତ ଏରୋନୋଟିକ୍ସ ଡିଏଭି ହାଇସ୍କୁଲରେ ଶିକ୍ଷକମାନଙ୍କ ପାଇଁ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ସ୍କୁଲ ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ, ଯଥା- ଏଡିଏଭି ହାଇସ୍କୁଲ, ଭିଏସ୍ ବିଦ୍ୟାଳୟ, ସୁନାବେଡ଼ା ସରସ୍ୱତୀ ଶିଶୁ ମନ୍ଦିର ଏବଂ ସେମିଲିଗୁଡ଼ା, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ସାଇ ସୈନିକ ସ୍କୁଲ, ନେତାଜୀ ପବ୍ଲିକ ସ୍କୁଲ, ଡି. ମାଉଣ୍ଟ ପବ୍ଲିକ ସ୍କୁଲ ଇତ୍ୟାଦିରୁ ୯୦ ଜଣ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ। ସ୍କୁଲର ପ୍ରଧାନଶିକ୍ଷକ ପିକେ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ପିକେ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକମାନଙ୍କ ଶିକ୍ଷାଦାନର ଗୁଣାତ୍ମକ ବିକାଶ ଦିଗରେ ଏହା ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ବକ୍ତବ୍ୟ ରଖିଥିଲେ। ରିସୋର୍ସ ପର୍ସନ ଭାବରେ ଅଂଶ ଗ୍ରହଣ କରି ରାୟଗଡ଼ା ଜିଲ୍ଲା ଟିକିରି ସ୍ଥିତ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲର ବରିଷ୍ଠ ଶିକ୍ଷକ ଡ. ଜି. ବିନୋଦ କୁମାର ଏବଂ ଇଂ ସୁନୀଲ ବିଶ୍ୱାଳ ନୂତନ ଶିକ୍ଷାନୀତିର ଆଧାରରେ ଶିକ୍ଷକ ଏବଂ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଡିଜିଟାଲ ଉପସ୍ଥାପନା କରିଥିଲେ। ଏହା ବ୍ୟତୀତ ପ୍ରଧାନଶିକ୍ଷକ ପିକେ ମିଶ୍ର ଛାତ୍ରଛାତ୍ରୀମାନଙ୍କ ମନୋବିଜ୍ଞାନ ଏବଂ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ଭୂମିକା ଉପରେ ବ୍ୟାଖ୍ୟାନ ଦେଇଥିଲେ। ସେହିପରି ବରିଷ୍ଠ ସାମ୍ବାଦିକ ସିଏଚ୍ ସାନ୍ତାକାର ଶିଶୁମାନଙ୍କ ଅଧିକାର ସମ୍ପର୍କରେ ଆଲୋଚନା କରିବା ସହ ସେମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶାହେଦା ପରୱିନ ଏବଂ ସନ୍ତୋଷୀ ଅଗ୍ରୱାଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତଥା କର୍ମଚାରୀଙ୍କ ସହଯୋଗରେ ଏହି ସମାବେଶର ସଫଳତା ପାଇଁ ପ୍ରଧାନଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

■ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫ ଘଟଣା

# ବିଜେପି ଉପରେ କାର୍ଯ୍ୟାନୁଷ୍ଠାନ ଦାବିକଲା ରାୟଗଡ଼ା ଆପ୍

**ରାୟଗଡ଼ା,୨୪।୩(ସମିସ)**



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ ଆଦମୀ ପାର୍ଟି(ଆପ୍) ଦଳର ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରାଯାଇଥିବାବେଳେ ଅଭିଯୋଗକାରୀଙ୍କଠାରୁ ବିଜେପି ଚାନ୍ଦା ଆଦାୟ କରିଥିବା ଅଭିଯୋଗ ନେଇ ବିଜେପି ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ରାୟଗଡ଼ା ଜିଲ୍ଲା ଆମ୍ ଆଦମୀ ପାର୍ଟି। ଏ ନେଇ ରବିବାର ରାୟଗଡ଼ା ଜିଲ୍ଲା ଆପ୍ କାର୍ଯ୍ୟାଳୟଠାରେ ଜିଲ୍ଲା ଆବାହକ ଜନ୍ମେଜୟ ସ୍ୱାଇଁ ସାମ୍ବାଦିକ ସମ୍ମିଳନୀରେ କେଜ୍ରିୱାଲଙ୍କୁ ଗିରଫ କରାଯିବା ସମ୍ବନ୍ଧରେ ସାଂଘାତିକ ତଥ୍ୟ ପଦାକୁ ଆସିଥିବା କହିଛନ୍ତି। ବିଜେପି ହିଁ ପ୍ରକୃତ ଅପରାଧୀ ଏବଂ ଚକ୍ରାନ୍ତ କରି କେଜ୍ରିୱାଲଙ୍କୁ ଜେଲ୍ ପଠାଇଥିବା ପ୍ରମାଣିତ ହେଉଛି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଭିଯୋଗ ପ୍ରକାରେ ପି.ସରଥ ଚନ୍ଦ୍ର ରେଡ୍ଡୀ ନାମକ ମଦ ବେପାରୀ କେଜ୍ରିୱାଲଙ୍କୁ ଦିଲ୍ଲୀରେ ମଦ ଠିକା ପାଇବା ପାଇଁ ୧୦୦ କୋଟି ଟଙ୍କା ଲାଞ୍ଚ ଦେଇଛନ୍ତି। କେବଳ ତାଙ୍କର ବକ୍ତବ୍ୟ ଆଧାରରେ କେଜ୍ରିୱାଲଙ୍କୁ ଗିରଫ କରାଯାଇଛି। ମାତ୍ର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ସାର୍ବଜନୀ ହୋଇଥିବା ଇଲେକ୍ଟୋରାଲ ବଣ୍ଡ ତଥ୍ୟରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ରେଡ୍ଡୀ କେବଳ ମଦ ବେପାରୀ ନୁହନ୍ତି ସେ ଅରବିନ୍ଦ ଫାର୍ମା ନାମକ ଏକ ବଡ଼ ଔଷଧ କମ୍ପାନୀର ମାଲିକ ଅଟନ୍ତି। ସେ ବିଜେପିକୁ କୋଟି କୋଟି ଟଙ୍କାର ଚାନ୍ଦା ଦେଇଛନ୍ତି। ମଦ ଘୋଟାଲାରେ ଶ୍ରୀ ରେଡ୍ଡୀଙ୍କୁ ଇଡି ପକ୍ଷରୁ ଗିରଫ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ଅଭିଯୋଗ କରିବାକୁ ସେ ରାଜି ହେବା ପରେ ତାଙ୍କୁ ରାଜସାକ୍ଷୀ କରି ମାମଲାରୁ ମୁକ୍ତି ଦିଆଯାଇଥିଲା। ଚାପ ପକାଇ, ଡରାଇ ଧମକାଇ ଇଡି ମାଧ୍ୟମରେ ବିଜେପି କେବଳ ଚାନ୍ଦା ଆଦାୟ କରିନାହିଁ ବରଂ 'ଚାନ୍ଦା ଦୋ-ଧନ୍ଦା ଲୋ' ଅଭିଯାନ ସାରା ଦେଶରେ ବିରୋଧୀ ଦଳମାନଙ୍କ ଉପରେ ଚଳାଇ ଆସୁଛି ବୋଲି ଅଭିଯୋଗ କରିଛନ୍ତି। କେଜ୍ରିୱାଲଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଅଣାଯାଇଛି ତାହାକୁ ଦୃଢ଼ ନିନ୍ଦା କରୁଛୁ ବୋଲି କହିବା ସହ ବିଜେପି ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ସ୍ୱାଇଁ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଦୁର୍ଗାଚରଣ ପଟ୍ଟନାୟକ, ପ୍ରଦୀପ ସେନାପତି, ବିଜୁ କାଡ୍ରକା, ମଧୁସୂଦନ ପାଣିଗ୍ରାହୀ, ଚକ୍ରଧର ମହାପାତ୍ର, ସନ୍ତୋଷ ପାଇକ, ହେମନ୍ତ ଖୋସଲା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ସେମିଲିଗୁଡ଼ାରେ ବିଜେଡିର ପ୍ରସ୍ତୁତି ବୈଠକ

ସେମିଲିଗୁଡ଼ା,୨୪।୩(ସମିସ): କୋରାପୁଟ ନିର୍ବାଚନମଣ୍ଡଳୀର ସେମିଲିଗୁଡ଼ାରେ ରବିବାର ସକାଳେ ବିଜେଡିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଉଛି। ଆସନ୍ତା ମେ' ମାସରେ ହେବାକୁ ଥିବା ଲୋକସଭା, ବିଧାନସଭା ନିର୍ବାଚନ ପରିଚାଳନା ନିମନ୍ତେ କୋରାପୁଟ ବିଧାୟକ ରଘୁରାମ ପଡାଲଙ୍କ ଅଧ୍ୟକ୍ଷତାରେ ବିଧାୟକଙ୍କ ବାସଭବନରେ ଆୟୋଜିତ ବୈଠକରେ ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର, ବିଜେଡି ନଗର ସଭାପତି ବିଜୟ ରାଉତ, ଯୁବ ଉପସଭାପତି ଈଶ୍ୱର ଆଳଡା, କାଉନସିଲର ମମତା ରାୟ, ରବୀନ୍ଦ୍ର ପ୍ରଧାନ, ମନୋଜ ସୁନା, ମିନତି ମିଶ୍ର, ସ୍ୱରୂପା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ୨୫ ୱାର୍ଡରେ ଲୋକଙ୍କୁ ସଚେତନତା ସୃଷ୍ଟି କରିବା ପାଇଁ ବିଧାୟକ ରଘୁରାମ ପଡାଲ ନିବେଦନ କରିଛନ୍ତି। ବିଜୁ ଜନତା ଦଳକୁ ଜୟଯୁକ୍ତ କରିବା ପାଇଁ ଜୋର୍ ପ୍ରଚାର କରିବା ଲାଗି ବିଧାୟକ ନିଜ ମତ ପ୍ରକାଶ କରିଥିଲେ। ଆଗାମୀ ନିର୍ବାଚନରେ ବିଜେଡିକୁ ବିଜୟୀ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମସ୍ତେ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ସୁନାବେଡ଼ା, ସେମିଲିଗୁଡ଼ାର ସକ୍ରୀୟ ସଭ୍ୟମାନେ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।



# ରାୟଗଡ଼ାରେ ଲାୟନ୍ସ କ୍ଲବ୍‌ର ଜିଲ୍ଲା ସମ୍ମିଳନୀ




**ରାୟଗଡ଼ା,୨୪।୩(ସମିସ):** ଗତ ୨୩ ଓ ୨୪ ତାରିଖରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ରାୟଗଡ଼ା ଲାୟନ୍ସ କ୍ଲବର ୧୧ତମ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ ଦିଲ୍ଲୀପ କୁମାର ଦାସ ଏହି ସମ୍ମିଳନୀର ନେତୃତ୍ୱ ନେଇଥିଲେ। ଲାୟନ୍ ବିଜୟ କୁମାର ରାଜୁ, ପୂର୍ବତନ ଲାୟନ୍ ଇଣ୍ଟରନ୍ୟାସନାଲର ନିର୍ଦ୍ଦେଶକ ଏହି ସମ୍ମିଳନୀକୁ ଉଦଘାଟନ କରିଥିବାବେଳେ ଲାୟନ୍ ଭିଏସ୍ଏସ୍ ବର୍ମା, ପିଡିଜି ସୁରେଶ ପାଢ଼ୀ, ଆଇପିପି ସୁରେଶ ଚନ୍ଦ୍ର ନାୟକ, ଭିଡିଜି-୧ ଲାୟନ୍ ସରସ୍ୱତୀ ପାତ୍ର, ଭିଡିଜି-୨ ଲାୟନ୍ ହେମନ୍ତ ଖୁଣ୍ଟିଆ, ଡ. ପିକେ ତ୍ରିପାଠୀ, ରାୟଗଡ଼ା ଲାୟନ୍ସ କ୍ଲବର ସଭାପତି ଭି. ଭାସ୍କର ରାଓ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସଭା ଆରମ୍ଭରେ ସମ୍ମିଳନୀ ସଂଗଠନର ସଭାପତି ଲାୟନ୍ ସତ୍ୟବାଦୀ ପତି ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିମାନେ ଜନସେବା ଦ୍ୱାରା ଲାୟନ୍ସ କ୍ଲବର ଗୁରୁତ୍ୱ ବଢ଼ାଇବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡିଜି ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଡ. ଦୁଃଖୀଶ୍ୟାମ ଦାସ, ପ୍ରତାପ ଚନ୍ଦ୍ର ବାଉରି, କେ. ଶ୍ରୀନିବାସ, ଟି. ଜୟରାମ, ଟି. ଚନ୍ଦ୍ରଶେଖର, ଶୁଶ୍ରିତା ଦାସ, ସବିତା ସାହୁ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ବର୍ଷ ପାଇଁ ସରସ୍ୱତୀ ପାତ୍ର ଜିଲ୍ଲା ଗଭର୍ଣ୍ଣର ଭାବେ ନିର୍ବାଚିତ ହେଲେ। ସେହିପରି ଡ. ହେମନ୍ତ ଖୁଣ୍ଟିଆ ଏବଂ ଅଶ୍ୱିନୀ କୁମାର ଦାସ, ଭିଡିଜି ୧ ତଥା ୨ ଭାବେ ନିର୍ବାଚିତ ହୋଇଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅନିଲ ସିଂ ମେମୋରିଆଲ ଟି-୨୦ ଆନ୍ତଃରାଜ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଭାଇଜାଗ ସୁପର ନୋଭାସକୁ ହରାଇ ଇଣ୍ଡିଆନ ନେଭି ଚାମ୍ପିଅନ୍

**ରାୟଗଡ଼ା,୨୪।୩(ସମିସ)**




ଗତ ୧୬ ତାରିଖରୁ ଚାଲିଥିବା ଅନିଲ ସିଂ ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଯାପିତ ହୋଇଛି। ଉଦଯାପନୀ ଦିବସରେ ଫାଇନାଲ ମ୍ୟାଚ୍ ଇଣ୍ଡିଆନ ନେଭି ଏବଂ ଭାଇଜାଗ ସୁପର ନୋଭାସ ବିଶାଖାପାଟଣା ମଧ୍ୟରେ ଖେଳାଯାଇଥିଲା। ମ୍ୟାଚରେ ଭାଇଜାଗ ସୁପର ନୋଭାସ ବିଶାଖାପାଟଣା ଟସ୍ ଜିଣି ପ୍ରଥମେ ବୋଲିଂ କରିବା ପାଇଁ ନିଷ୍ପତି ନେଇଥିଲା। ପ୍ରତିପକ୍ଷ ଟିମ ଇଣ୍ଡିଆନ ନେଭି, ବିଶାଖାପାଟଣା ବ୍ୟାଟିଂ କରି ୬ ୱିକେଟ ହରାଇ ନିର୍ଦ୍ଧାରିତ ୨୦ ଓଭରରେ ୧୬୫ ରନ କରିଥିଲା। ଫାଇନାଲ ମ୍ୟାଚର ଏହି ଖେଳରେ ଇଣ୍ଡିଆନ ନେଭି, ବିଶାଖାପାଟଣା ଟିମ୍ ଭାଇଜାଗ ସୁପର ନୋଭାସ ବିଶାଖାପାଟଣାକୁ ୪୦ ରନରେ ପରାସ୍ତ କରିଥିଲା। ଏହି ମ୍ୟାଚରେ ଇଣ୍ଡିଆନ ନେଭି ଟିମକୁ ଚାମ୍ପିଅନ ଘୋଷଣା କରାଯାଇ ଥିଲା। ନିତିନ ରାଧା ତାୱାରଙ୍କୁ ମ୍ୟାନ ଅଫ ମ୍ୟାଚ୍ ଓ ନିତିନ ରାଧା ତାୱାରଙ୍କୁ ମ୍ୟାନ ଅଫ ସିରିଜ, ନିତିନ ରାଧା ତାୱାର ବେଷ୍ଟ ବୋଲେର ଏବଂ ଶୁଭମ ରୋହିଲା ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ଘୋଷଣା କରାଯାଇଥିଲା। ଉଦଯାପନୀ ସମାରୋହରେ ଜେକେ କାଗଜକଳର ମୁଖ୍ୟ ବିନୟ ଦ୍ୱିବେଦୀ, କାର୍ଯ୍ୟନିର୍ବାହୀ ଉପସଭାପତି କାର୍ମିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱଜିତ ଦ୍ୱିବେଦି, ଉପସଭାପତି, ବାଣିଜ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଇଜାଗ ସୁପର ନୋଭାସ ରନର୍ସ ଅପ ଟିମକୁ ଟ୍ରଫି ପ୍ରଦାନ କରିବା ସହ ୫୦,୦୦୦ ଉପ ବିଜେତା ରାଶି ପ୍ରଦାନ କରିଥିଲେ। ବିନୟ ଦ୍ୱିବେଦୀ, କାର୍ଯ୍ୟନିର୍ବାହୀ ଉପସଭାପତି କାର୍ମିକ ବିଜେତା ଟିମ ଇଣ୍ଡିଆନ ନେଭିକୁ ଟ୍ରଫି ସହ ୧,୦୦,୦୦୦ ବିଜେତା ରାଶି ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସନ୍ଦୀପ ପାଣ୍ଡେ ଜେନେରାଲ ମ୍ୟାନେଜେର ମାନବ ସମ୍ବଳ, ଏମଆରକେଏମ ରାୟ, ଜେନେରାଲ ମ୍ୟାନେଜେର ମେକାନିକାଲ, ରଞ୍ଜିତ ଦାସ, ଯୋଗେଶ ସାହରେ, ଅରଜିତ ସ୍ୱାଇଁ, ଶୈଳେନ୍ଦ୍ର କୁମାର ସାମନ୍ତରାୟ ଜେକେ କାଗଜକଳର କର୍ମଚାରୀ ଉପସ୍ଥିତ ଥିଲେ। ମ୍ୟାଚରେ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ। 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଂଯୋଜକ ପି ଗୌରୀ ଶଙ୍କର ରାୟଗଡ଼ା, ସନ୍ଧ୍ୟାରାଣୀ ପୁଲକା, ଜିଲ୍ଲା ପରିଷଦ ମେମ୍ବର ଏବଂ ବହୁତ ସଂଖ୍ୟାର ଦର୍ଶକ ଉପସ୍ଥିତ ରହି ବିଭିନ୍ନ ରାଜ୍ୟରୁ ଆସିଥିବା କ୍ରିକେଟ୍ ଟିମ୍ ଏବଂ ବିଜେତା ଟିମକୁ ସମ୍ବୋଧିତ କରିବା ସହ ଜେକେ ସ୍ପୋର୍ଟସ କ୍ଲବର କର୍ମକର୍ତ୍ତାମାନଙ୍କୁ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିବାରୁ ଶୁଭେଚ୍ଛା ଜଣାଇଥିଲେ। ପରିଶେଷରେ ଦୀପକ କୁମାର ସାମଲ ଉପସ୍ଥିତ ଥିବା ସମସ୍ତ ଟିମ, ଦର୍ଶକ ଓ ପରିଚାଳକମାନଙ୍କୁ ଧନ୍ୟବାଦ ଦେଇଥିଲେ। ଜେକେପିଏମର ଲୋକସମ୍ପର୍କ ଅଧିକାରୀ ମିଳନ ଲେଙ୍କା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ତଥ୍ୟର ସମ୍ୟକ ସୂଚନା ପ୍ରଦାନ କରିଥିଲେ।

# ୨୦ ଲିଟର ମଦ ଜବତ; ୨ ଗିରଫ



**ଡାବୁଗାଁ,୨୪।୩(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଧୀନ ଡଙ୍ଗରା ଓ ମେଞ୍ଚର ଗ୍ରାମର ୨ ଜଣଙ୍କ ଘରେ ରବିବାର ଅବକାରୀ ବିଭାଗ ଚଢ଼ଉ କରି ୨୦.୮ ଲିଟର ବିଦେଶୀ ମଦ ଜବତ କରିଛି। ସୂଚନାଯୋଗ୍ୟ, ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧୀକ୍ଷକ ଅଭିରାମ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଡାବୁଗାଁ ଥାନା ଅଧୀନ ଡଙ୍ଗରା ଗ୍ରାମର ଯଦୁରାମ ଗୌଡ଼ଙ୍କ ଘରେ ଚଢ଼ଉ କରି ୭.୮ ଲିଟର ଓ ମେଞ୍ଚର ଗ୍ରାମର ଭଗବାନ ଭତ୍ରାଙ୍କ ଘରେ ଚଢ଼ଉ କରି ୧୦ ଲିଟର ବିଦେଶୀ ମଦ ଜବତ କରିଥିଲା। ୨ ଜଣଙ୍କୁ ଗିରଫ କରି ନୋଟିସ ଦିଆଯାଇ ଛାଡ଼ି ଦିଆଯାଇଛି। ଏହି ଚଢ଼ଉରେ ଡାବୁଗାଁ ଅବକାରୀ ବିଭାଗ ଉପନିରୀକ୍ଷକ ବୁଲୁ ପାତ୍ର, ସହ ଉପନିରୀକ୍ଷକ ଏସକେ. ପଣ୍ଡା, ସୁରେଖା ଭତ୍ରା, ଶ୍ରୀକାନ୍ତ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ୨ ଜଣଙ୍କ ନାମରେ ଡାବୁଗାଁ ଅବକାରୀ କାର୍ଯ୍ୟାଳୟରେ ମାମଲା ରୁଜୁ ହୋଇଛି।

## ପୁଲିସର ନିର୍ବାଚନ ପରିଚାଳନା ପ୍ରଶିକ୍ଷଣ

# ନିର୍ବାଚନ କମିଶନରଙ୍କ ସ୍କାନରରେ ବୁଥ୍ ଓ କର୍ମଚାରୀ

**ଗୁଣୁପୁର,୨୪।୩(ସମିସ)**

ଗୁଣୁପୁର ପୁଲିସ ସବଡିଭିଜନ ଅଧୀନସ୍ଥ ୫ଟି ଥାନା ତଥା ଗୁଣୁପୁର, ଗୁଡ଼ାରୀ, ପଦ୍ମପୁର, ରାମନାଗୁଡ଼ା ଓ ଚନ୍ଦ୍ରପୁର ଥାନା ଅଧିକାରୀ ଓ ପୁଲିସ କର୍ମଚାରୀମାନଙ୍କୁ ନେଇ ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ରାୟଗଡ଼ା ପୁଲିସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁ ପ୍ରସାଦ ପାତ୍ର ଉପସ୍ଥିତ ପୁଲିସ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶ୍ରୀ ପାତ୍ର ଏବଂ ଗୁଣୁପୁର ପୁଲିସ ଏସଡିପିଓ ବାବୁଲି ନାୟକ ମଞ୍ଚାସୀନ ହୋଇଥିଲେ। ଆଗାମୀ ସାଧାରଣ ନିର୍ବାଚନ କିପରି ଶାନ୍ତିଶୃଙ୍ଖଳା ସହକାରେ ସମ୍ପନ୍ନ ହେବ ତାହା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ପାତ୍ର କହିଥିଲେ। ପୁଲିସ, ପ୍ରିଜାଇଡିଂ ଅଫିସର ଓ ଇଭିଏମ୍ ମେସିନକୁ ଫେଣ୍ଟି ଦିଆଯିବ। ଯାହା ଫଳରେ କେଉଁ ପୁଲିସ ଅଧିକାରୀ କେଉଁ ବୁଥରେ ଡିଉଟି ପଡ଼ିବ, କେଉଁ ପୁଲିଙ୍ଗ ଅଧିକାରୀଙ୍କୁ କେଉଁ ବୁଥରେ ଡିଉଟି ପଡ଼ିବ ଏବଂ କେଉଁ ଇଭିଏମ୍ ମେସିନ କେଉଁ ବୁଥକୁ ଯିବ ତାହା କେହି ଜାଣିପାରିବେ ନାହିଁ କି କହିପାରିବେ ନାହିଁ।

ପୂର୍ବରୁ ପି-୨ ଜରିଆରେ ପୁଲିସ ଓ ଅନ୍ୟାନ୍ୟ ଅଧିକାରୀମାନେ ନିଜ ଡ୍ୟୁଟି ସମ୍ପର୍କରେ ସୂଚନା ପାଇପାରୁଥିଲେ। କିନ୍ତୁ ୨୦୨୪ ସାଧାରଣ ନିର୍ବାଚନ ପାଇଁ







ଆସିଛି ନୂଆ ନିୟମ ଯାହାକି ପି-୧ ଜରିଆରେ ପୁଲିସ ଓ ଅନ୍ୟାନ୍ୟ କର୍ମଚାରୀମାନେ ନିଜ ଡ୍ୟୁଟି ସମ୍ପର୍କରେ ଜାଣିପାରିବେ ନାହିଁ। ଯାହାକି ନିର୍ବାଚନ ତାରିଖର ୨୪ ଘଣ୍ଟା ପୂର୍ବରୁ ଏକ ବନ୍ଦ ଲଫାଫା ଜରିଆରେ ଡ୍ୟୁଟି ସମ୍ପର୍କରେ ସୂଚନା ଦିଆଯିବ। ଫଳରେ କୌଣସି ଅଭିଯୋଗ ଶୁଣିବା କିମ୍ବା ସ୍ଥାନ ପରିବର୍ତ୍ତନ ନିମନ୍ତେ ଚେଷ୍ଟା କରିବା ପାଇଁ କେହି ସମୟ ପାଇପାରିବେ ନାହିଁ। ଅପରପକ୍ଷେ ପୁଲିସ କର୍ମଚାରୀମାନେ ଅଯଥା ଆଇଆଇସିମାନଙ୍କୁ ଚାପ କରନ୍ତୁ ନାହିଁ ଯେ ନିଜର ଡ୍ୟୁଟି ସ୍ଥାନ ପରିବର୍ତ୍ତନ କରିବା ପାଇଁ ସେ ଆପଣମାନଙ୍କୁ କୌଣସି ସାହାଯ୍ୟ ବାରିପାରିବେ ନାହିଁ ବୋଲି ସଫେଇ ଦିଆଯାଇଛି। ୨୦୧୨ରେ ପିଙ୍କ ବୁଥଗୁଡ଼ିକରେ ମହିଳା ଅଧିକାରୀମାନଙ୍କୁ ପୁଲିଙ୍ଗ ଅଫିସର ଦାୟିତ୍ୱ ଦିଆଯାଇଥିଲା ତତପରେ ଏହାକୁ ବନ୍ଦ ରଖାଯାଇଥିଲା। କିନ୍ତୁ ୨୦୨୪ ସାଧାରଣ ନିର୍ବାଚନରେ ସକ୍ଷୀ ବୁଥ୍ ନାମରେ ବିଭିନ୍ନ ବୁଥ୍ କରାଯାଇଛି ସେଠାରେ ମହିଳା ପ୍ରିଜାଇଡିଂ ଅଧିକାରୀମାନେ ନିୟୋଜିତ ହେବେ। ତେଣୁ ପୁଲିସ ପାଇଁ ଏହା ବଡ଼ ଚ୍ୟାଲେଞ୍ଜ ରହିଛି। ଯେମିତି କି ମହିଳା ପ୍ରିଜାଇଡିଂ ଅଧିକାରୀମାନେ ସୁରକ୍ଷିତ ଭାବେ ବୁଥକୁ ପହଞ୍ଚିବା, ରାତି ରହିବା, ଶାନ୍ତିଶୃଙ୍ଖଳାର ସହ ଭୋଟ୍ ଗ୍ରହଣ କରିବା ଏବଂ ଇଭିଏମ୍ ମେସିନକୁ ହସ୍ତାନ୍ତର କରିବା ପର୍ଯ୍ୟନ୍ତ କୌଣସି ଅସୁବିଧା ହେବ ନାହିଁ ସେଥିପ୍ରତି ଦାୟିତ୍ୱବାନ ହେବାପାଇଁ ପୁଲିସ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ରହିଥିବା କୁହାଯାଇଛି। ଯେ କୌଣସି ବୁଥରେ ବିଶୃଙ୍ଖଳା କିମ୍ବା ଗଣ୍ଡଗୋଳ ହେଲେ ପୁଲିସ ପାଟ୍ରୋଲିଂ ଟିମ୍ ଯେପରି ତୁରନ୍ତ ବୁଥରେ ପହଞ୍ଚି ଆଇନଶୃଙ୍ଖଳା ରକ୍ଷା କରିବେ ସେ ନେଇ ବ୍ୟାପକ ବ୍ୟବସ୍ଥା କରାଯାଇଛି ଏବଂ ପୁଲିସ ପାଟ୍ରୋଲିଂ ଗାଡ଼ି ମଧ୍ୟ ଜିପି ଆରଏସ୍ ମାଧ୍ୟମରେ ଟ୍ରାକିଂରେ ରହିବ। ସମସ୍ତ ବୁଥରେ ସିସିଟିଭି କ୍ୟାମେରା କବଳରେ ରହିବା ନେଇ ସୂଚନା ଦେଇଛନ୍ତି।

## ■ ମାଲକାନଗିରି ଜିଲ୍ଲା 'ସକାଳ' ପରିବାରର ବନ୍ଧୁମିଳନ

# ଖୁବ୍ କମ୍ ଦିନରେ ଲୋକାଦୃତ ହୋଇଛି 'ସକାଳ'



**ମାଲକାନଗିରି,୨୪।୩(ସମିସ):** ରବିବାର ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଓ ମନୋରମ ସ୍ଥାନ ଖଡ଼ିକାଝୋଡ଼ି ଝରଣା ନିକଟରେ ଓଡ଼ିଶାର ଅଗ୍ରଣୀ ଦୈନିକ ଖବର କାଗଜ 'ସକାଳ' ମାଲକାନଗିରି ଜିଲ୍ଲା ପରିବାରର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ 'ସକାଳ' ଖବର କାଗଜର ଜୟପୁର ସଂସ୍କରଣ ମୁଖ୍ୟ ରାକେଶ କୁମାର ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ଥାନୀୟ ଜନସାଧାରଣଙ୍କ ରୁଚି ଅନୁସାରେ ସବୁବେଳେ ତଥ୍ୟଭିତ୍ତିକ ଖବର ପ୍ରସାରଣ କରି 'ସକାଳ' ଖବର କାଗଜ ଆଜି ଜନସାଧାରଣଙ୍କ ଅତି ନିକଟତର ହୋଇପାରିଛି। ଏଥିପାଇଁ ପ୍ରତିଟି କର୍ମଚାରୀଙ୍କ ପରିଶ୍ରମ ଅତୁଳନୀୟ ବୋଲି କହିବା ସହ ଜିଲ୍ଲାର 'ସକାଳ' ପରିବାରର ସମସ୍ତ ସଦସ୍ୟଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। ସେହିପରି ଏହି ଅବସରରେ ଜୟପୁର ସଂସ୍କରଣର ପ୍ରସାର ବିଭାଗ ମୁଖ୍ୟ ସୁଧୀର ମାଦଲା, ସହସମ୍ପାଦକ ଦୀପକ ପାଢ଼ୀ ମଧ୍ୟ ଉପସ୍ଥିତ ରହି 'ସକାଳ' ଖବର କାଗଜକୁ ଜିଲ୍ଲାରେ ଶୀର୍ଷରେ ପହଞ୍ଚାଇଥିବାରୁ ସମସ୍ତଙ୍କୁ ପ୍ରଶଂସା କରି ଉତ୍ସାହିତ କରିଥିଲେ। ଆୟୋଜିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ଖବରଦାତା, ଏଜେଣ୍ଟମାନେ ଉପସ୍ଥିତ ରହି ନିଜ ନିଜର ବିଭିନ୍ନ ସମସ୍ୟା ଓ ଅନୁଭବ ବିଷୟରେ ମତ ରଖିଥିଲେ। ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ଏବଂ ପଞ୍ଚାୟତରେ କିଭଳି ଘରେ ଘରେ 'ସକାଳ' ଖବର କାଗଜ ପହଞ୍ଚିବ ଓ ପ୍ରତ୍ୟେକ ଜନସାଧାରଣ ଯେପରି 'ସକାଳ' ଖବର କାଗଜ ପଢ଼ିବାର ସୁଯୋଗ ପାଇବେ ସେଥିପ୍ରତି ଯତ୍ନବାନ ହେବାକୁ ଶ୍ରୀ ପାଢ଼ୀ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମାଲକାନଗିରି ଜିଲ୍ଲା ପ୍ରତିନିଧି ଅଶୋକ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଜିଲ୍ଲାର ସମସ୍ତ ସଦସ୍ୟ 'ସକାଳ'କୁ କିପରି ଆହୁରି ଅଧିକ ଆଗକୁ ନେଇ ହେବ ସେନେଇ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା 'ସକାଳ' ଖବର କାଗଜରେ କାର୍ଯ୍ୟରତ ପ୍ରତିନିଧି ସତ୍ୟ ନାରାୟଣ ଦାସ, ହୃଷୀକେଶ ସେଠୀ, ଏ. ଦେବାଶିଷ ପାତ୍ର, ଦୀପକ ମହାରଣା, ରବୀନ୍ଦ୍ର ପାଢ଼ୀ, ବାସୁଦେବ ଜେନା, ଦିଲ୍ଲୀପ ପଟ୍ଟନାୟକ, ବିଦ୍ୟୁତ ବୈରାଗି, ସୌରଭ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

## ● ଜିଲ୍ଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

# ୨୦୨୫ ସୁଦ୍ଧା ଯକ୍ଷ୍ମାର ମୂଳୋତ୍ପାଟନ ପାଇଁ ଶପଥ





**ମାଲକାନଗିରି,୨୪।୩(ସମିସ)**

ସ୍ଥାନୀୟ ରକ୍ତଭଣ୍ଡାର ସଭାଗୃହରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ମାଲକାନଗିରି ତରଫରୁ ଏକ ଦିବସୀୟ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଫୁଲ୍ଲ କୁମାର ନନ୍ଦ ଯୋଗଦେଇ ମାଲକାନଗିରି ଜିଲ୍ଲାକୁ କିପରି ଯକ୍ଷ୍ମାମୁକ୍ତ କରାଯିବ ତା'ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଡ. ବ୍ରଜବନ୍ଧୁ ଦାସ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଯୋଗଦେଇ ଯକ୍ଷ୍ମା ଏକ ଆରୋଗ୍ୟଯୁକ୍ତ ରୋଗ ବୋଲି ଆଲୋଚନା କରିଥିଲେ। ଡ. ଅବିଜ ହୁସେନ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଉକ୍ତ ଦିବସ ବିଷୟରେ ବୁଝାଇଥିଲେ। ଇନ୍ଦିରା ପ୍ରଧାନ ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଭାରେ ଉପସ୍ଥିତ ଥିଲେ। ଡ. ଦୁର୍ଗାପ୍ରସାଦ ରାଜ ସଭା ପରିଚାଳନା କରିଥିବାବେଳେ ସନ୍ତୋଷ କୁମାର ପେଦା ସ୍ୱାଗତ ଭାଷଣ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ଯୁବ ରେଡକ୍ରସର ଆବାହକ ଡ. ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇ ତତ୍ପର ଏବଂ ଟିବି ହାରିବ ଦେଶ ବଞ୍ଚିବ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବାପୁଜୀ ଖରା, ଯକ୍ଷ୍ମା ସଂଯୋଜକ ଆୟୋଜନ କରିଥିବାବେଳେ ପିରାମଲ ଫାଉଣ୍ଡେସନ ତରଫରୁ ବିକାଶ ଦଣ୍ଡସେନା, ସନ୍ତୋଷ କୁମାର ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଆଶାକର୍ମୀ ଏବଂ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ରହିଥିବାବେଳେ ଜଣା ଅଜଣା କାର୍ଯ୍ୟକ୍ରମରେ ଭାଗ ନେଇ ପୁରସ୍କୃତ ହୋଇଥିଲେ। ଗୁରୁଦତ୍ତ ବେହେରା, ସୁରଜିତ ସାହା ଏବଂ ପି. ଈଶ୍ୱର ରାଓ ସଭା ସଫଳ କରିବାରେ ସହଯୋଗ କରିଥିଲେ। ମାର୍ଚ୍ଚ ୨୪କୁ ସାରା ବିଶ୍ୱ ଯକ୍ଷ୍ମା ଦିବସ ରୂପେ ପାଳନ କରି ୨୦୨୫ ସୁଦ୍ଧା ମୂଳୋତ୍ପାଟନ କରିବା ପାଇଁ ସମସ୍ତେ ଶପଥ ନେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଜାତୀୟ ଗ୍ରାମାଞ୍ଚଳ ମିଶନର ସିଲୁ ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# ମଇଁଷି ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

**କଲ୍ୟାଣସିଂହପୁର,୨୪।୩(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସଦରରେ ଚୋରି ମଇଁଷି ବୋଝେଇ ପିକ୍‌ଅପ୍ ଭ୍ୟାନକୁ ରବିବାର ପୁଲିସ ଜବତ କରିଛି। ସନ୍ଧ୍ୟାରେ ଏକ ଭ୍ୟାନରେ ୪ଟି ମଇଁଷି ନେଇ ରାୟଗଡ଼ା ପିତମହଲ ଯାଉଥିବାବେଳେ କୌଣସି ସୂତ୍ରରୁ ପୁଲିସ ଖବର ପାଇ ଏସଆଇ ଶିବ ପ୍ରସାଦ ସାହୁ ଓ ଏସଆଇ ସଞ୍ଜୟ କୁମାର ମୁର୍ମୁ ପହଞ୍ଚି ବଡ଼ଦ୍ୱାର ସାହି ନିକଟରେ ଗାଡ଼ିକୁ ଅଟକ ରଖିଥିଲେ। ଉକ୍ତ ଗାଡ଼ିକୁ ଥାନାକୁ ଆଣି ପଚରାଉଚରା କରିବା ପରେ ଏକ ମାମଲା ରୁଜୁ କରି ଗାଡ଼ି ଚାଳକକୁ ଅଟକ ରଖି ପଚରାଉଚରା ଚଳାଇଛନ୍ତି। ଏହାକୁ ନେଇ ପଶୁ ଚିକିତ୍ସକ ବିଚିତ୍ରା ନନ୍ଦ ସାହୁ ଆସି ମଇଁଷିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଗୋଶାଳାରେ ନେଇ ଛାଡ଼ିଥିବା ଥାନା ଅଧିକାରୀ ନୀଳକଣ୍ଠ ବେହେରା ସୂଚନା ଦେଇଛନ୍ତି।

# ୫ ଦିନ ହେଲା ଅନ୍ଧାରରେ ୫୦ରୁ ଊର୍ଦ୍ଧ୍ୱ ପରିବାର

**କୋରୁକୋଣ୍ଡା,୨୪।୩(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ସଦାଶିବପୁରା ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପରିବାର ଆଜକୁ ପଞ୍ଚଦିନ ହେବ ଅନ୍ଧାରରେ ରାତ୍ରିଯାପନ କରୁଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, କିଛିଦିନ ପୂର୍ବେ ଜିଲ୍ଲାର କିଛି ଅଞ୍ଚଳରେ କାଳବୈଶାଖୀ ଆସିଥିବା ସମୟରେ ଗ୍ରାମର ବିଜୁଳି ଚାଲିଯାଇଥିଲା। ତା' ପରଦିନ ଗ୍ରାମବାସୀ ବିଦ୍ୟୁତ ବିଭାଗକୁ ଖବର ଦେବା ପରେ ବିଦ୍ୟୁତ ବିଭାଗର କର୍ମଚାରୀମାନେ ଆସି ଠିକ୍ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ କୌଣସି କାରଣବଶତଃ ଗୋଟିଏ ଫେଜ୍ କାମ କରୁଛି, ଅନ୍ୟଟି କାମ କରୁନି କହି ବିଭାଗୀୟ କର୍ମୀମାନେ ଚାଲିଯାଇଥିଲେ ଏବଂ ନୂଆ ଟ୍ରାନ୍ସଫର୍ମର ଆସିଲେ ହେବ ବୋଲି କହିଥିଲେ। ସେହିଦିନଠାରୁ ଗ୍ରାମର କିଛି ଘରେ ବିଜୁଳିବତୀ ଜଳୁଥିବାବେଳେ ପ୍ରାୟ ଅଧିକାଂଶ ପରିବାର ଅନ୍ଧାରେ ରହୁଛନ୍ତି। ଏନେଇ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ କହିଛନ୍ତି।

ସୂଚନା ଥାଉକି, ଜିଲ୍ଲାର ସଦାଶିବପୁର ଗ୍ରାମଟି ବାଲିମେଳା ଜଳବିଦ୍ୟୁତ କେନ୍ଦ୍ରଠାରୁ ମାତ୍ର ୮ କିମି ଦୂରରେ ଅବସ୍ଥିତ ଥିବାବେଳେ ସେହି ଗ୍ରାମର ଅବସ୍ଥା ଯଦି ଏମିତି, ତେବେ ଅନ୍ୟ ଅଞ୍ଚଳ କଥା ପଚାରେ କିଏ। ସରକାର ହିତାଧିକାରୀଙ୍କ ସୁବିଧା ଏବଂ ଉନ୍ନତମାନର ବିଜୁଳି ସେବା ପାଇବା ପାଇଁ ବିଜୁଳି ବିଭାଗକୁ ଘରୋଇକରଣ କରିଛନ୍ତି। ହେଲେ ପୂର୍ବ ଅପେକ୍ଷା ବର୍ତ୍ତମାନ ବିଜୁଳି ସମସ୍ୟା ବଳିପଡ଼ିଲାଣି। ଏନେଇ ବିଜୁଳି ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବପର ହୋଇ ନ ଥିଲା।



# ଘାଟି ଅଞ୍ଚଳରେ ନିମ୍ନମାନର ସାମଗ୍ରୀରେ ଚାଲିଛି ରାସ୍ତାକାମ

**ମାଲକାନଗିରି,୨୪।୩(ସମିସ)**

ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ଅନ୍ତର୍ଗତ କୁରମାନୁର ପଞ୍ଚାୟତ ସମୁଦ୍ର ପତ୍ତନଠାରୁ ପ୍ରାୟ ୧୨୦୦ ମିଟର ଉଚ୍ଚରେ ରହିଥିବାବେଳେ ସ୍ୱାଭିମାନ ଅଞ୍ଚଳ ଭଳି ଏହି ଅଞ୍ଚଳକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମୁଖ୍ୟତଃ ବିଭିନ୍ନ ଗ୍ରାମକୁ ଯୋଡ଼ିବାକୁ ନୂତନ ରାସ୍ତା ନିର୍ମାଣ କାମ ତୀବ୍ର ଗତିରେ ଚାଲିଥିବାବେଳେ କିଛି ଲାଭଖୋର୍ ଠିକାଦାର ଓ ଦୁର୍ନୀତିଖୋର ଅଧିକାରୀଙ୍କ ଯୋଗୁଁ ପାଣି ଭଳି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ସମ୍ପୂର୍ଣ୍ଣ କାମ ନିମ୍ନମାନର ସାମଗ୍ରୀ ବ୍ୟବହାର କରି ରାସ୍ତା ନିର୍ମାଣ ଜାରି ରହିଥିବା ଅଭିଯୋଗ ହୋଇଛି।





ସୂଚନା ଅନୁଯାୟୀ, ଗ୍ରାମ୍ୟ ଉନ୍ନୟନ ବିଭାଜନ ୧ ପକ୍ଷରୁ ଏହି ପଞ୍ଚାୟତର ଘାଟିଗୁଡ଼ାଠାରୁ ମାଝୀପାକା ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଏହି କାମରେ ବ୍ୟବହୃତ ମେଟାଲ ସେହି ରାସ୍ତା କଡ଼ରେ ରହିଥିବା ଧୂସର ରଙ୍ଗର ପଥରକୁ ଭାଙ୍ଗି ବ୍ୟବହାର କରାଯାଉଛି। କେତେକ ସ୍ଥାନରେ ଧଳା ରଙ୍ଗର ପଥର ସହ ଆଉ କେତେକ ସ୍ଥାନରେ ମୋରମ ଖାଦାନର ଅବଶେଷ ଭାବେ ମିଳୁଥିବା ପଥରକୁ ଭାଙ୍ଗି ମେଟାଲ ଭାବେ ବ୍ୟବହାର କରାଯାଉଥିବା ନେଇ ଅଭିଯୋଗ ହୋଇଛି। ସେହିପରି ଏହି ରାସ୍ତା କଡ଼ରେ ଏକାଧିକ ସ୍ଥାନରୁ ବେଆଇନ ଭାବେ ମାଟି ଓ ମୋରମ୍ କଢ଼ାଯାଇ ରାସ୍ତାକାମରେ ବ୍ୟବହାର କରାଯିବା ସହ ଅନେକ ଗଛ କାଟି ଦିଆଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। କାମ ଆସି ଅଧା ହେବାକୁ ବସିଲାଣି, ହେଲେ ଆଜି ପର୍ଯ୍ୟନ୍ତ ସୂଚନାଫଳକ ଲାଗିନାହିଁ। ଦୁର୍ଗମ ଅଞ୍ଚଳ ହୋଇଥିବାରୁ ସରକାରୀ ବାବୁଙ୍କ ପାଦ ପଡ଼ୁ ନ ଥିବାବେଳେ ବିଭିନ୍ନ ସାମଗ୍ରୀ ଏହି ଅଞ୍ଚଳରୁ ଉପଲବ୍ଧ କରାଇ ଏହି ଅଞ୍ଚଳର ରାସ୍ତାଘାଟ ନିର୍ମାଣ ଚାଲିଛି। ଯାହା ମାଛ ତେଲରେ ମାଛ ଭାଜିବା ଭଳି ନ୍ୟାୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସେହିପରି ଦୁର୍ଗମ ତଥା ଅପହଞ୍ଚ ଇଲାକାର ସୁଯୋଗ ନେଇ ଉଭୟ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରଖି ଏଭଳି ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବାବେଳେ ସରକାରୀ ବାବୁମାନେ ମଧ୍ୟ

**■ ଅଧା କାମ ସରିଲାଣି; ସୂଚନାଫଳକ ଲାଗିନି**
**■ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତରାରେ ଚାଲିଛି କାମ**

କେବେ ଆସୁ ନ ଥିବା ନେଇ ଆଖପାଖ ଅଞ୍ଚଳର ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଜନ ୧ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିବାବେଳେ ସେ ଏନେଇ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବା ସହ ଏହି ଘଟଣା ବିଷୟରେ ସେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରକାଶ କରିଥିଲେ। ସେହିପରି ଏନେଇ ବିଭାଗୀୟ ଏସଡିଓଙ୍କୁ ଯୋଗାଯୋଗ କରାଯିବାରୁ ସେ ଫୋନ୍ ଉଠାଇ ନ ଥିଲେ। ଏପରି ସ୍ଥିତିରେ ଦୁର୍ଗମ ଅଞ୍ଚଳରେ ବିକାଶ ନାମରେ ହେଉଥିବା ମହାଦୁର୍ନୀତିକୁ ରୋକାଯିବା ଦିଗରେ ସରକାର ତୁରନ୍ତ ଦୃଷ୍ଟି ଦେବା ସହ ବନ ବିଭାଗ, ରାଜସ୍ୱ ବିଭାଗ ପକ୍ଷରୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପଟେ ନିର୍ମାଣାଧୀନ ଏହି ରାସ୍ତାକାମର ତଦାରଖ ପାଇଁ ଜିଲ୍ଲାସ୍ତରୀୟ ଏକ କମିଟି ଗଠନ କରି ପୁଙ୍ଖାନୁପୁଙ୍ଖ ତଦନ୍ତ କଲେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଚାଲିଥିବା ବଡ଼ ଧରଣର ଦୁର୍ନୀତିର ପର୍ଦ୍ଦାଫାସ ହେବ ବୋଲି ଅଞ୍ଚଳବାସୀ କହିଛନ୍ତି।

